Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 19, Issue : 345
Tuesday, 24 February 2026
Balasore, Page : 8, ₹ 2/
ବାଲେଶ୍ୱର, ମଙ୍ଗଳବାର, ୨୪ ଫେବୃୟାରୀ, ୨୦୨୬
ପୃଷ୍ଠା:୮, ମୂଲ୍ୟ:୨ ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠାରୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ?
ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

ମଣ୍ଡି ପ୍ରସଙ୍ଗରେ କମ୍ପୁଛି ବିଧାନସଭା: ସ୍ୱାଭାବିକ ହୋଇପାରୁନି ଗୃହକାର୍ଯ୍ୟ

ଭୁବନେଶ୍ୱର, ୨୩/୨ (ଆ.ପ୍ର) : ବିଧାନସଭାରେ ଲୋକଙ୍କ ପ୍ରସଙ୍ଗରେ ଆଲୋଚନା ଏବେ ସ୍ୱପ୍ନ ପାଲଟିଲାଣି । ବଜେଟ ଅଧିବେଶନରେ ଏହା ଜଳ ଜଳ ଦିଶୁଛି । ରାଜନୈତିକ ଦଳ ନିଜର ଦଳୀୟ ସ୍ୱାର୍ଥ ପାଇଁ ରାଜ୍ୟର ସ୍ୱାର୍ଥକୁ ବଳି ପକାଇ ଦେବାକୁ ପଛାଉନାହାନ୍ତି । ବିଧାନସଭା ପରିଚାଳନା ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି । ଲୋକଙ୍କ ଦ୍ୱାରେ ଚାଲୁଥିବା ବିଧାନସଭା ଅଚଳ କରିବାକୁ ରାଜନୈତିକ ଦଳକୁ କିଏ ଦେଲା ଅଧିକାର ? ଦେଖୁଛୁ ଏହି ରିପୋର୍ଟ । ଲାଗାତାର ୫ ଦିନରେ ବି ସେହି ସମାନ ସ୍ଥିତି । ଶୂନ୍ୟର ମଧ୍ୟଭାରେ ବିରୋଧୀଙ୍କ ହୋହଲ୍ଲା, କିମ୍ବା ଶୋରର ପରିଣାମ ହେଉଛି ବାରମ୍ବାର ମୁଲତବୀ । ବିଧାନସଭାରେ ଯେଉଁ ଅଚଳାବସ୍ଥା ଲାଗିଛି ସେଥିରେ ସାମ୍ପନ୍ଦମ ସୁଧାର ଆସୁନି । ବାଣ୍ଡ ଓ ମଣ୍ଡି ସମ୍ପର୍କ ପ୍ରସଙ୍ଗରେ ଏକମୁଖ ହୋଇଛନ୍ତି ଉଭୟ ବିରୋଧୀ ବିଜେଡି ଓ କଂଗ୍ରେସ । ୩ଅର ମୂଲତବି ହୋଇଥିବା ବେଳେ ଗଂଗାଏରୁ କମ ସମୟ ଚାଲିଛି ଗୃହକାର୍ଯ୍ୟ ।

ବାଚସ୍ପତିଙ୍କ ସର୍ବଦଳୀୟ ବୈଠକ ପରେ ବି ନିଜ ଜିଦରେ ଅଟଳ ଦଳ । ଉଭୟ ବିରୋଧୀଙ୍କ ଅଭିଯୋଗ, ବାଣ୍ଡାଙ୍କ ପ୍ରସଙ୍ଗରେ ଆଲୋଚନା କରିବାକୁ ସରକାରଙ୍କର ଆଗ୍ରହିକତା ନାହିଁ । ଅନ୍ୟପଟେ ଶାସକ ଦଳ କହିଛି, ବିଧାନସଭାରେ ବିଜେଡିକୁ ଗିମୋଟ୍ ? ଦ୍ୱାରା ବାନ୍ଧାଗୁ ପରିଚାଳିତ କରାଯାଉଛି । ବାଣ୍ଡା ପ୍ରସଙ୍ଗରେ ଗୃହ ଚଳାଇ ଦେଉନଥିବା ବିଜେଡି ମାନଙ୍କର କୃଷି ମାରଣ ନୀତି ଓ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ନେଇ ରାଜଧାନୀ ରାଜରାସ୍ତାକୁ ଓହ୍ଲାଇବ । ଲୋୟର ପିଏମିରେ ବିଶାଳ ପ୍ରତିବାଦ ସଭା କରି ରାଜ୍ୟ ସରକାରଙ୍କୁ ପରିବେଶ ଦଳ । ୧୫ ଦିନରୁ ଅଧିକ ସମୟ ଧରି ଜିଲ୍ଲାସ୍ତରରେ ବିକ୍ଷୋଭ କରୁଥିବା ବିଜେଡି ଲୋୟର ପିଏମିରେ ହୁଙ୍କାର ଦେବ । ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ସମାବେଶରେ ସାମିଲ ହେବେ । ଏନେଇ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଂଚିଥିବା ବେଳେ ବିଜେଡି କହିଛି, ଚାଷୀ ହକ୍ ମାଗିଲେ ଗୁଳି ମାରାଯାଉ ପିଟୁଛି ଶାସକ ଦଳ । ଶାସକ-ବିରୋଧୀଙ୍କ ଦ୍ୱନ୍ଦ୍ୱ ପାଇଁ ବିଧାନସଭା ଅଚଳାବସ୍ଥାରୁ ଆଗକୁ ଯାଇପାରୁନି । ଯାହାକୁ ନେଇ ଲୋକ ପରାଗିଲେଣି, ଆଲୋଚନା ଯଦି ହେବନି ତାହା ହେଲେ ବିଧାନସଭା ଚାଲୁଛି କାହିଁକି ? ଗାଳକୋଷରୁ ଲକ୍ଷ ଲକ୍ଷ ଟଙ୍କା କାହିଁକି ଖର୍ଚ୍ଚ ହେଉଛି ?

ବଢ଼ିବ ଇ-ବସ ସଂଖ୍ୟା, ଯୋଡ଼ାଯିବ ଆଉ ୬୦୦ ଇ-ବସ୍

ଭୁବନେଶ୍ୱର, ୨୩/୨ (ଆ.ପ୍ର) : ସହରାଂଚଳ ପରିବହନ ପାଇଁ ୪୨୧ କୋଟି ଟଙ୍କାର ବ୍ୟୟବରାଦ ହେବାପରେ ଏବେ ଅଧିକରୁ ଅଧିକ ସଂଖ୍ୟକ ପରିବେଶ ଅନୁକୂଳ ଇ-ବସ୍ ଆଣିବାତାପାଇଁ ସରକାର ଅଂଟା ଛିଡିଛନ୍ତି । ରାଜ୍ୟରେ ଚାଲୁଥିବା

ଇ-ବସ୍ ତାଲିକାରେ ଆଉ ୬୦୦ ଇ-ବସ୍ ଯୋଡାଯିବ ବୋଲି ସୂଚନା ମିଳିଛି । ରାଜ୍ୟରେ ସହରାଂଚ ପରିବହନ ବ୍ୟବସ୍ଥାରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ଓଡ଼ିଶା ସରକାର ୨୦୨୬-୨୭ ବଜେଟରେ ୪୨୧ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି । ଏହି ପଦକ୍ଷେପ ମାଧ୍ୟମରେ ରାଜ୍ୟରେ ଇ-ବସ୍ ସେବା ଏବଂ ପ୍ରଯୁକ୍ତିବିଦ୍ୟା-ଭିତ୍ତିକ ସାର୍ବଜନୀନ ପରିବହନ ବ୍ୟବସ୍ଥାକୁ ବ୍ୟାପକ କରାଯିବ । ରାଜ୍ୟ ସରକାର ୬୦୦ ଇ-ବସ୍ କିଣିବାକୁ ଯୋଜନା କରୁଥିବାବେଳେ ପ୍ରଧାନମନ୍ତ୍ରୀ ଇ-ବସ୍ ସେବା ଯୋଜନାରେ ରାଜ୍ୟକୁ ଆଉ ୪୦୦ ଇ-ବସ୍ ଆସିବ ବୋଲି ଜଣାଯାଇଛି । ଏହା ଫଳରେ ରାଜ୍ୟରେ ଆମ ବସ୍ ସେବାର କଳେବର ବୃଦ୍ଧି ପାଇବା ସହିତ ସହରାଂଚଳରେ ଏହା ଅଧିକରୁ ଅଧିକ ଲୋକଙ୍କୁ ସେବା ଯୋଗାଇବ । ଭଲୁଲ୍ଲେଖନୀୟ ଯେ କ୍ୟାପିଟାଲ ରିଜିଅନ୍ ଅର୍ବାନ୍ ଟ୍ରାନ୍ସପୋର୍ଟ (କୁଟ୍) ଦ୍ୱାରା ପରିଚାଳିତ ଆମ୍ ବସ୍ ସେବା ଏବେ ଦୈନିକ ମାଲିକାରୁ ଅଧିକ ଯାତ୍ରୀଙ୍କୁ ପରିବହନ କରୁଛି । ଆମ ବସରେ ଯାତାୟାତ କରୁଥିବା ଯାତ୍ରୀଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ଡିଜିଟାଲ୍ ମାଧ୍ୟମରେ ଦେୟ ପ୍ରଦାନ କରୁଛନ୍ତି ଯାହା ସରକାରଙ୍କ ଡିଜିଟାଲ ରୂପାଆକୁ ଅଧିକ ସୁଦୃଢ କରୁଛି ।ସେପରିକି ଯାତ୍ରୀମାନଙ୍କୁ ଗନ୍ତୁ ବସ୍‌ଷ୍ଟାଣ୍ଡ ଏବଂ ବସ୍‌ଷ୍ଟାଣ୍ଡରୁ ଗନ୍ତବ୍ୟ ସ୍ଥାନ ପର୍ଯ୍ୟନ୍ତ ପରିବହନ ସେବା ଯୋଗାଇବା ପାଇଁ ଆମ ଇ-ରାଇଡ୍ ସେବାକୁ ଅଧିକ ସୁଦୃଢ଼ କରାଯାଉଛି । 'ଓଡ଼ିଶା ଯାତ୍ରୀ ପ୍ଲାଟଫର୍ମ ମାଧ୍ୟମରେ ଗୁରୁ ଅଫିମାଇଜେସନ୍ ଓ ଡିଜିଟାଲ ଜାରବାରକୁ ପ୍ରୋତ୍ସାହନ ଦିଆଯାଉଛି । ବଜେଟରେ ଅର୍ଥ ବରାଦ ଓ ନୂତନ ପଦକ୍ଷେପ ସଂକ୍ଳାନ୍ତରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି ଯେ ଏହି ବଜେଟ୍ ଆମ ସରକାରଙ୍କ ଲୋକ-କେନ୍ଦ୍ରିକ ବିକାଶର ପ୍ରତିଫଳନ । ଆମ ବସ୍ ଓଡ଼ିଶାରେ ସାଧାରଣ ପରିବହନର ସଂଜ୍ଞା ବଦଳାଇ ଦେଇଛି ଯେ ଆମେ କେବଳ ସଂଯୋଗାଳରଣ ବଢ଼ାଇନାହୁଁ, ବରଂ ଭବିଷ୍ୟତ ପାଇଁ ଏକ ସୁସ୍ଥ ଓ ସବୁଜ ସହର ନିର୍ମାଣ କରୁଛୁ । ଆମ ବସ୍ ସେବାରେ ଅଧିକରୁ ଅଧିକ ଇ-ବସ୍ ସାମିଲ କରି ଆମେ ସହରାଂଚଳ ପରିବହନକୁ ଅଧିକ ସୁଲଭ ଏବଂ ପରିବେଶ ଅନୁକୂଳ କରିବାକୁ ଲକ୍ଷ୍ୟ ରଖୁଛୁ ବୋଲି ବିଭାଗୀୟ ଅତିରିକ୍ତ ମୁଖ୍ୟ ସଚିବ ଶ୍ରୀମତୀ ଉଷା ପାଢୀ କହିଛନ୍ତି । ବଜେଟରେ ରାଜ୍ୟ ସରକାର ସହରାଂଚ ପରିବହନକୁ ଯେଭଳି ଅଗ୍ରାଧିକାର ପ୍ରଦାନ କରିଛନ୍ତି ତାହା ଆଗାମୀ ଦିନରେ ସହରାଂଚ ପରିବହନ ବ୍ୟବସ୍ଥାକୁ କେବଳ ସୁସଂଗତ କରିବନାହିଁ, ଦେଶରେ ଅନନ୍ୟ ଉଦାହରଣ ସୃଷ୍ଟି କରିବ ବୋଲି ଶ୍ରୀମତୀ ପାଢୀ କହିଛନ୍ତି ।

ମାର୍ଚ୍ଚ ୩୧ ସୁଦ୍ଧା ଦାଖଲ କର ସମ୍ପତି ତାଲିକା, ନଚେତ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୨୩/୨ : ଯେଉଁ ସରକାରୀ ଚାକିରିଆ ବର୍ତ୍ତମାନ ସୁଦ୍ଧା ସମ୍ପତି ତାଲିକା ଦାଖଲ କରି ନାହାନ୍ତି, ସେମାନେ ମାର୍ଚ୍ଚ ୩୧ ସୁଦ୍ଧା ସମ୍ପତି ତାଲିକା ଦାଖଲ କରିବା ନିର୍ଦ୍ଦେଶ ଦିଆଯାଇଛି । ଗ୍ରୁପ ଏ' ଠାରୁ ଆରମ୍ଭ କରି ଗ୍ରୁପ୍ ଡି' ପର୍ଯ୍ୟନ୍ତ ସମସ୍ତଙ୍କୁ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସମ୍ପତ୍ତି ତାଲିକା ଦାଖଲ ନ କଲେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ । ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏହି ନିର୍ଦ୍ଦେଶ ନାମା ଜାରି କରାଯାଇଛି । ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ସବୁ ସରକାରୀ ବିଭାଗ, RDC, ଜିଲ୍ଲାପାଳଙ୍କୁ ଚିଠି କରାଯାଇଛି । HRMS ପୋର୍ଟାଲରେ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଅପଲୋଡ୍ କରିବାକୁ ସରକାରୀ ଚାକିରିଆଙ୍କୁ ପରାମର୍ଶ ଦିଆଯାଇଛି । ସୂଚନାଯୋଗ୍ୟ ଯେ, ଗ୍ରୁପ ଏ' ଠାରୁ ଆରମ୍ଭ କରି ଗ୍ରୁପ୍ ଡି' ପର୍ଯ୍ୟନ୍ତ ସମସ୍ତ ସରକାରୀ ଚାକିରିଆ ନିଜର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ବିବରଣୀ ଦାଖଲ କରିବାକୁ ନିର୍ଦ୍ଦେଶ ରହିଛି । ଏଚଆରଏମଏସ ପୋର୍ଟାଲରେ ଜାନୁଆରୀ ୧ରୁ ଜାନୁଆରୀ ୩୧ ମଧ୍ୟରେ ଏହା ଦାଖଲ କରିବେ । କିନ୍ତୁ କେତେକ ସରକାରୀ ଚାକିରିଆ ଏ ପର୍ଯ୍ୟନ୍ତ ସମ୍ପତ୍ତି ତାଲିକା ଦାଖଲ କରି ନାହାନ୍ତି । ସେଥିପାଇଁ ସରକାରୀ ଏହି ତାରିଖ ସୀମାକୁ ବଢାଇଛନ୍ତି । ଆହୁରି ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ସମ୍ପତ୍ତି ତାଲିକା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ଟଙ୍କା ଖିଆ ଅଧିକାରୀଙ୍କ ତାଲିକା ରଖିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୩/୨ (ଆ.ପ୍ର) : ଅଧିକାରୀଙ୍କ ଶିରା ଶିରାରେ ଦୁର୍ନୀତି, ଆହ୍ୱାନ ମୋତରେ ଜିଜିଲାଣ୍ଡ୍ ବିଭାଗ । ବିଗତ ୫ବର୍ଷ ଠାରୁ ବର୍ତ୍ତମାନ ୩୧ ଠଜଣ ସରକାରୀ କର୍ମଚାରୀ ଓ ଅଧିକାରୀ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଏବଂ ଆର୍ଥିକ କାରବାରରେ ଅନିୟମିତତା ସମ୍ପୃକ୍ତରେ ଗିରଫ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୨୨ଜଣ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ସମ୍ପତ୍ତି ବାଜେୟାପ୍ତି ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏହାଛଡ଼ା ସେମାନଙ୍କ ଠାରୁ ୪୦ କୋଟି ୮୪ ଲକ୍ଷ ୬୭ ହଜାର ୬୬୭ ଟଙ୍କା ଜବତ ହୋଇଛି । ଆଠରଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପ୍ରଶ୍ନର ଏମିତି ତଥ୍ୟ ରଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ

ଚରଣ ମାଝୀ । ସେ କହିଛନ୍ତି, ଦୁର୍ନୀତି ନିବାରଣ ବିଭାଗ ଗତ ତିନି ବର୍ଷ ଅର୍ଥାତ୍ ଜାନୁଆରୀ ୨୦୨୩ ଠାରୁ ଡିସେମ୍ବର ୨୦୨୫ ମଧ୍ୟରେ ୬୮୩ଟି ଦୁର୍ନୀତି ମାମଲା ଗୁଳୁ କରିଛି । ଏଥିରୁ ୩୩୩ଟି ମାମଲାରେ ଦଣ୍ଡ ବିଧାନ ହୋଇଛି । ୬ଜଣ ଦୁର୍ନୀତିଖୋର ଅଧିକାରୀଙ୍କ ସମ୍ପତ୍ତି ସରକାର ବାଜେୟାପ୍ତି କରିଛନ୍ତି । ଏହି ସମ୍ପତ୍ତିକୁ ଅନ୍ୟତ୍ରେ ବିନିଯୋଗ କରାଯାଇଛି । ଏଥିରେ ଗୋଟିଏ ସରକାରୀ ଉଦ୍ୟାନ କୃଷି ନର୍ସରୀ, ଗୋଟିଏ ସାର୍ବଜନୀନ ହୋମିଓପାଥିକ୍ ଡିସ୍ପେନସାରୀ, ତିନୋଟି ଅଙ୍ଗନୱାଡି କେନ୍ଦ୍ର, ଗୋଟିଏ କର୍ମରତ ମହିଳା ଛାତ୍ରାବାସ, ଗୋଟିଏ ଉପ ଜାଳଘର ତିଆରି ହୋଇଛି । ଏହାଛଡ଼ା ୩୨,୫୦,୮୪୪ ଟଙ୍କା ରାଜ୍ୟ କୋଷାଗାରରେ ଜମା କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ବିଧାନସଭାରେ ଜଣାଇ ରଖିଛନ୍ତି ।

ଓଡ଼ିଶା ବଜାରରେ ଭେଜାଲ୍ ଖାଦ୍ୟ ହାଉ ଜାଉ

ଭୁବନେଶ୍ୱର, ୨୩/୨ (ଆ.ପ୍ର) : ବଜାରରୁ ଘରକୁ କିଣି ନେଉଥିବା ଦୁଧ, ତେଲ, ଚକୋଲେଟ୍ ବି ନିମ୍ନ ମାନର । ଖାଦ୍ୟ ବିଧାନସଭାରେ ସ୍ୱାସ୍ଥ୍ୟମନ୍ତ୍ରୀ ରଖିଛନ୍ତି ଏଭଳି ଆଶ୍ଚର୍ଯ୍ୟଜନକ ତଥ୍ୟ । ଅସାଧୁ ବ୍ୟବସାୟୀଙ୍କ ସ୍ୱାର୍ଥ ପାଇଁ କେମିତି ବିପଦରେ ଖାଉଟି । ଅପମିଶ୍ରିତ ଖାଦ୍ୟ ନେଇ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଉତର – ତାଲିକାରେ ଅଛି ମସଲା ସାଙ୍ଗକୁ ସୋରିଷ ତେଲ, ସୂର୍ଯ୍ୟମୁଖୀ ତେଲ, ଦହି, ବିସ୍କୁଟ, ମଇଦା, ସ୍ୱାଦ, ଛତୁଆ, ସସ୍, ସୋୟାବିନ, ଘିଅ, ଲାଡୁଶୀ, ଚିନି, ପାମଡ଼, ଚକୋଲେଟ, ବ୍ରେଡ୍ ଓ ନୁଡୁଲସ ଭଳି ଅତି ଦରକାରୀ ଖାଦ୍ୟ ସାମଗ୍ରୀ । ରାଜ୍ୟର ସବୁ ଜିଲ୍ଲାରେ କାୟା ବିସ୍ତାର କରିଛନ୍ତି ଅପମିଶ୍ରଣକାରୀ । ଏମିତିକି ସବୁ ରେକର୍ଡ ଭାଙ୍ଗି ସର୍ବାଗ୍ରେ ରହିଛି ଖୋର୍ଦ୍ଧା ଜିଲ୍ଲା । ଯାହାକୁ ନେଇ ବିଜେଡି ରାଜନୀତି । ତେବେ ସମ୍ବୁଦ୍ଧ ଚିନ୍ତାଜନକ କଥା ହେଲା ଦୌଡ଼, ଢେଙ୍କାନାଳ, ଜଗତସିଂହପୁର ଓ ମୟୂରଭଞ୍ଜରେ ବିକ୍ରି ହେଉଥିବା ହଳିକ ବି ଅପମିଶ୍ରିତ । ଯାହାକୁ ନେଇ ଗଭୀର ଚିନ୍ତା ପ୍ରକଟ କରିଛନ୍ତି ସାଧାରଣ ଖାଉଟି । ବଜାରରୁ କିଣୁଥିବା ଦ୍ରବ୍ୟ ଅସଲି କି ନକଲି ଜଣେ ସାଧାରଣ ଲୋକ ଜାଣିବ କେମିତି ? ତାହା ଏବେ ବଡ଼ ପ୍ରଶ୍ନ । ଜେଉଁଠି ନକଲି ସମ୍ବ ତ ଜେଉଁଠି ନକଲି ମସଲା ତିଆରିର ମାଳ ମାଳ ଚିଡ଼ ଆସୁଛି । ବର୍ଷ ତମାମ ବି ରାଜ୍ୟର ବିଭିନ୍ନ ସ୍ଥାନରେ ଚଢ଼ଉ ଚାଲିଛି । ତେଣୁ ସରକାରଙ୍କ ଏଭଳି ନକଲି ସାମଗ୍ରୀ ପ୍ରସ୍ତୁତ କାରୀଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ଜନତା । ଏପରେ ଅପମିଶ୍ରିତ ଖାଦ୍ୟ ସାମଗ୍ରୀ ସ୍ୱାସ୍ଥ୍ୟ ପାଇଁ ଅତି ହାନିକାରକ ବୋଲି ବର୍ଣ୍ଣାଇଛନ୍ତି ଡାକ୍ତର । ସେହିପରି ବିଧାନସଭାରେ ଉପସ୍ଥାପିତ ଅନ୍ୟ ଏକ ଚିନ୍ତାଜନକ ତଥ୍ୟ ଜୁମ ଚଳିତ ବର୍ଷ ୨୯ଟି ପାଣି ନମୁନାକୁ ପରୀକ୍ଷା ପରେ ୮ଟି ଅନ୍ଦିନର ବୋଲି ଜଣାପଡ଼ିଛି । ଗତ ୪ ବର୍ଷରେ ୬୮ଟି ନମୁନାକୁ ୧୮ଟି ଅସ୍ୱାସ୍ଥ୍ୟକର ବୋଲି ଜଣାପଡିଲା, ଯେଉଁଥିରୁ ୮ଟି ନମୁନା ଥିଲା ଅତି ନିମ୍ନ ମାନର ।

ମେଡିଆନ୍ ସୌନ୍ଦର୍ଯ୍ୟକରଣ କରିବ ସ୍ମାର୍ଟସିଟି

ଭୁବନେଶ୍ୱର, ୨୩/୨ (ଆ.ପ୍ର) : ଜନପଥ ପୁଣି ଝଲସିବ । ସୌନ୍ଦର୍ଯ୍ୟକରଣ ଫେରିବ । ବସନ୍ତରେ ନୂଆ ଗଛ ପୋତିବାକୁ ଅଂଟା ଛିଡ଼ିଛି ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଟ୍ (ବିଏସ୍‌ସିଏଲ୍) । ବିଏସ୍‌ସିଏଲର ପରିଚାଳନା ନିର୍ଦ୍ଦେଶକ ଚଂଚଳ ରାଉତଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକରେ ଏହି

ନିଷ୍ପତ୍ତି ହୋଇଛି । ବାଣୀବିହାରରୁ ଶିଶୁ ଭବନ ଛକ ପର୍ଯ୍ୟନ୍ତ ଜନପଥ ରାସ୍ତାକୁ ସୌନ୍ଦର୍ଯ୍ୟକରଣ କରାଯାଇଥିଲା । ବିଏସ୍‌ସିଏଲ୍ ପକ୍ଷରୁ ବାର୍ଡଷ୍ଟାଣ ବାଡ଼ ଲଗାଯାଇଥିଲା । ହେଲେ ମାତ୍ର ୩ ବର୍ଷ ଭିତରେ ଏହି ବାର୍ଡଷ୍ଟାଣ୍ଡ ଭାଙ୍ଗିଗଲା । ଯାହା କିଛି ବାକି ଥିଲା ମେଟ୍ରୋ ପ୍ରକଳ୍ପ ପାଇଁ ଖୋଳାଖଡ଼ାରେ ବରବାଦ ହେଲା । ସେବେଠୁ ଜନପଥ ତାର ହୃତ ଗୌରବ ହରାଇ ବସିଥିଲା । ହଜିଯାଇଥିବା ଏହି ଜନପଥର ପରିରକ୍ଷ ପୁଣି ଖୋଜି ଆଣିବ ସ୍ମାର୍ଟସିଟି । ବାଣୀବିହାରରୁ ଶିଶୁଭବନ ରାସ୍ତା ମେଡିଆନରେ ଗଛ ଲାଗିବ । ୫.୨ କିମି ଏହି ମେଡିଆନରେ ଭଳିକି ଭଳି ଅର୍ଣ୍ଣାମେଂଟାଲ ଟ୍ରି ଲାଗିବ । ଏଥିପାଇଁ ୨.୬୯ କୋଟି ଟଙ୍କା ଖର୍ଚ୍ଚ କରିବାକୁ ସ୍ମାର୍ଟସିଟି ଯୋଜନା କରିଛି । ବୈଠକରେ ଏହି ନିଷ୍ପତ୍ତି ଉପରେ ମୋହର ଲାଗିଛି । କାମ ଖୁବ୍‌ଶୀଘ୍ର ଆରମ୍ଭ କରାଯିବ । ଖାଲି ମେଡିଆନ୍ ନୁହେଁ, ଭୁବନେଶ୍ୱର ରେଳ ଷ୍ଟେସନର ମଧ୍ୟ ବିକାଶ ଚାଲିଛି । ଏହି ଦୃଷ୍ଟିରୁ ମାଷ୍ଟରକ୍ୟାମ୍ପସ୍ ଆଜ ଲାଲ ଭୁବନେଶ୍ୱର ପାରିପାର୍ଶ୍ୱିକର ମଧ୍ୟ ବିକାଶ କରିବାକୁ ଯୋଜନା କରାଯାଇଛି । ଏହା ସହ ରାଜମହଲରୁ ଶିଶୁଭବନ ଆଣ୍ଡପାଖର ବି ବିକାଶ ହେବ । ଏନେଇ ସ୍ମାର୍ଟସିଟି ଲିମିଟେଟ ପକ୍ଷରୁ ନକ୍ସା ଅଙ୍କାଯାଇଛି । ମେଡିଆନ୍‌ରେ ଗଛ ଲାଗିବା ସହ ଏଥର ଷ୍ଟିଲ ବାଡ଼ ଘେରାଯିବ । ଏନେଇ ୬୯ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବାକୁ ଯୋଜନା କରାଯାଇଥିଲା । ବର୍ଷର ପୂର୍ବରୁ ଷ୍ଟିଲ୍ ବାଡ ବସାଇ ନିଷ୍ପତ୍ତି ହୋଇଥିଲେ ମଧ୍ୟ କାର୍ଯ୍ୟ ଆଗେଇ ପାରିନଥିଲା । ଏବେ ଉଭୟ ମେଡିଆନ୍ ସୌନ୍ଦର୍ଯ୍ୟକରଣ ଏବଂ ଷ୍ଟିଲ ବାଡ଼ର କାମ କରିବାକୁ ଯୋଜନା ହୋଇଛି । ବିଏମ୍‌ସି, ବିଡିଏ ଏବଂ ସ୍ମାର୍ଟସିଟି ପକ୍ଷରୁ ମିଳିତ ଭାବେ ଭୁବନେଶ୍ୱର ବିଭିନ୍ନ ସ୍ଥାନରେ ମେଡିଆନ୍ ଏବଂ ଫୁଟ୍‌ପାଥ୍ ସୌନ୍ଦର୍ଯ୍ୟକରଣ କରାଯାଉଛି । ନିକଟରେ ବିଏମ୍‌ସି ପକ୍ଷରୁ ନାଲୋକ ସହିତ ବୁଲ୍ଟି ହୋଇଛି । ଏଥିରେ ଲୟବେଦ ବିଡାରରୁ ନାଲକୋ ଛକ ପର୍ଯ୍ୟନ୍ତ ରାସ୍ତାକୁ ନାଲକୋ ଏବଂ ବିଏମ୍‌ସି ମିଳିତ ଭାବେ ସଜାଡିବେ ।

'ସମବାୟ'ର ଅର୍ଥ ଶ୍ରମିକଙ୍କୁ ମଧ୍ୟ ଲାଭର ଏକ ଅଂଶ ଦେବା : ଅମିତ ଶାହ

ନୂଆଦିଲ୍ଲୀ, ୨୩/୨(ପି.ଆଇ.ବି.): କେନ୍ଦ୍ର ଗୃହ ଏବଂ ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ ନୂଆଦିଲ୍ଲୀରେ ଭାରତ ଟ୍ୟାକ୍ସି 'ସାରଥି' ମାନଙ୍କ ସହ ଭାବ ବିନିମୟ କରିଥିଲେ । ଏହି ଆଲୋଚନା ସମୟରେ କେନ୍ଦ୍ର ଗୃହମନ୍ତ୍ରୀ କହିଥିଲେ ଯେ ଯେଉଁମାନେ ଶ୍ରମ କରନ୍ତି, ସେମାନେ ହିଁ ଲାଭ ପାଇବା ଉଚିତ । ସେ କହିଥିଲେ ଯେ ଏଥର ଉଦ୍ଦେଶ୍ୟ ହେଉଛି ଟ୍ୟାକ୍ସି ମାଲିକଙ୍କୁ ସମୃଦ୍ଧ କରିବା, ଏବଂ 'ସାରଥି' ହେଉଛନ୍ତି ପ୍ରକୃତ ମାଲିକ । ଶ୍ରୀ ଶାହ କହିଥିଲେ ଯେ 'ସାରଥି ' ମାନେ ହେଉଛନ୍ତି ଭାରତ ଟ୍ୟାକ୍ସିର ମାଲିକ ଏବଂ ଏହାର ଲାଭରେ ସେମାନଙ୍କର ମଧ୍ୟ ଅଂଶ ରହିବ । ସମବାୟ ମନ୍ତ୍ରୀ କହିଥିଲେ ଯେ ଆଗାମୀ ତିନି ବର୍ଷ ମଧ୍ୟରେ ଦେଶର ପ୍ରତ୍ୟେକ ନଗର ନିଗମରେ 'ଭାରତ ଟ୍ୟାକ୍ସି ' ଉପଲବ୍ଧ ହେବ । ଶ୍ରୀ ଶାହ କହିଥିଲେ ଯେ ଦେଶର ପଂଚତି ପ୍ରମୁଖ ସମବାୟ ସମିତିକୁ ଏକାଠି କରି ଭାରତ ଟ୍ୟାକ୍ସି ପ୍ରତିଷ୍ଠା କରାଯାଇଛି । ସେ କହିଥିଲେ ଯେ 'ସାରଥି'କ ସଂଖ୍ୟା ବୃଦ୍ଧି ପାଇବା ସହିତ, ଅଂଶୀଦାର ହେବାକୁ ଚାହୁଁଥିବା ଯେକୌଣସି 'ସାରଥି' ୫୦୦ ଟଙ୍କା ମୂଲ୍ୟର ସେୟାର କ୍ରୟ କରି ମାଲିକାନା ଅଧିକାର ହାସଲ କରିବେ । ଶ୍ରୀ ଶାହ ଆହୁରି ମଧ୍ୟ କହିଛନ୍ତି ଯେ ଯେତେବେଳେ ଭାରତ ଟ୍ୟାକ୍ସିର ନିର୍ଦ୍ଦେଶକ ମଣ୍ଡଳୀ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ, ସେତେବେଳେ କେତେକ ଆସନ ସାରଥିମାନଙ୍କ ପାଇଁ ସଂରକ୍ଷିତ ରହିବ । ଥରେ ସାରଥିମାନେ ନିର୍ଦ୍ଦେଶକ ମଣ୍ଡଳୀର ଅଂଶ ହୋଇଗଲେ, ସେମାନେ ନିଜେ ଅନ୍ୟ ଚାଳକମାନଙ୍କ ସ୍ୱାର୍ଥ

ଦୈନିକ
ଆରମ୍ଭ
SEITHO ARAMBHA
ମଙ୍ଗଳବାର, ୨୪ ଫେବୃୟାରୀ,୨୦୨୬ : ବାଲେଶ୍ୱର : ପୃଷ୍ଠା -୨

କାହା ମନରେ ସନ୍ତାପ ନ ଦେବା ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

ସିନାପାଲି ବ୍ଲକର ଗୋର୍ଲା ପଂଚାୟତରେ ଜାତି ଭେଦଭାବ ଅଭିଯୋଗ: ଅଙ୍ଗନୱାଡ଼ି କେନ୍ଦ୍ରରେ ରୋଷେୟାଙ୍କୁ ନେଇ ବିବାଦ

ସିନାପାଲି, ୨୩।୨ (ଆ.ପ୍ର) : ସିନାପାଲି ବ୍ଲକ ଅନ୍ତର୍ଗତ ଗୋର୍ଲା ପଂଚାୟତର ଗୋଟିଏ ଅଙ୍ଗନୱାଡ଼ି କେନ୍ଦ୍ରରେ ଜାତି ଭିତ୍ତିକ ଭେଦଭାବ ଅଭିଯୋଗକୁ ନେଇ ଚର୍ଚ୍ଚା ସୃଷ୍ଟି ହୋଇଛି । ରଶ୍ମିତା ସୁଜାତା ନାମକ ଜଣେ ଯୁବତୀ ଗତ ବର୍ଷ ଅଗଷ୍ଟ ୨୫ ତାରିଖରେ ରୋଷେୟା/ସେବିକା ପଦରେ ନିଯୁକ୍ତ ହୋଇଥିଲେ । ସେ ଏକ ମାସ ଧରି କାର୍ଯ୍ୟ କରିବା ପରେ ତାଙ୍କ ଅନୁପସ୍ଥିତି ଜାତି ପରିବାରକୁ ନେଇ କିଛି ଗ୍ରାମବାସୀ ଆପତ୍ତି ଜଣାଇଥିବା ଅଭିଯୋଗ ହୋଇଛି । ଗ୍ରାମର ସୂତ୍ରନା ଅନୁସାରେ, କିଛି ଅଭିଭାବକ ପିଲାମାନଙ୍କୁ କେନ୍ଦ୍ରକୁ ପଠାଇବା ବନ୍ଦ କରିଥିଲେ । ପରେ ବ୍ଲକ ପ୍ରଶାସନ ପକ୍ଷରୁ ବିଡିଓ ଓ ସିଡିପିଓ ଗାଁକୁ ଯାଇ ଆଲୋଚନା କରିଥିଲେ । ତଥାପି ସମସ୍ୟାର ସ୍ଥାୟୀ ସମାଧାନ ହୋଇନଥିବା କୁହାଯାଇଛି । ଅଭିଯୋଗ ଅନୁସାରୀ, ରଶ୍ମିତାଙ୍କ ମାସିକ ୫୦୦୦ ଟଙ୍କା ଦରମାରୁ ୨୦୦୦ ଟଙ୍କା ଜମାଲ ଅନ୍ୟ ଜଣେ ମହିଳାଙ୍କୁ ରୋଷେଇ କାମ ପାଇଁ ଦିଆଯାଇଛି । ଏହାକୁ ନେଇ ରଶ୍ମିତା ଓ ତାଙ୍କ ପରିବାର ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି । ସେମାନଙ୍କ କହିବା ଅନୁସାରୀ, ଏହି ବ୍ୟବସ୍ଥା ତାଙ୍କ ସନ୍ତାନ ଓ ଅଙ୍ଗନବାଡ଼ୀକୁ ଅସୁବିଧା କରୁଛି । ରଶ୍ମିତାଙ୍କ ପରିବାର ଅର୍ଥନୈତିକ ଭାବେ ଦୁର୍ବଳ । ବାପାଙ୍କ ଦେହାନ୍ତ ପରେ ଘରେ ମା' ଓ ବୁଢ଼ା ଭାଇଙ୍କ ଦାୟିତ୍ୱ ତାଙ୍କ ଉପରେ ରହିଛି । ସେ ଆଗାମୀଦିନରେ ଅଧିକ ଶିକ୍ଷା ଲାଭ କରିବାର ଆଶା ରଖିଥିବା କହିଛନ୍ତି । ଏହି ଘଟଣାକୁ ନେଇ ସ୍ଥାନୀୟ ମହଳରେ ପ୍ରଶ୍ନ ଉଠିଛି ଯେ, ଯଦି ଜାତି ଭିତ୍ତିକ ଭେଦଭାବ ଅଭିଯୋଗ ସତ୍ୟ, ତେବେ ଏହା ଆଇନସମ୍ମତ କିପରି ? ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକୁ ଶିଶୁମାନଙ୍କ ପୋଷଣ ଓ ସମାନତାର ପ୍ରଥମ ପାଠଶାଳା ବୋଲି ଧରାଯାଏ । ସେଠାରେ ଏପରି ବିବାଦ ଘଟିବା ଦୁଃଖଦ ବୋଲି ଅନେକଙ୍କ ମତ । ଘଟଣା ସମ୍ବନ୍ଧରେ ପ୍ରଶାସନ ପକ୍ଷରୁ ଆଧିକାରିକ ପ୍ରତିକ୍ରିୟା ମିଳିନଥିବା ବେଳେ, ସ୍ଥାୟୀ ଓ ନ୍ୟାୟସଙ୍ଗତ ସମାଧାନ ପାଇଁ ସଚେତନ ମହଳ ଦାବି କରୁଛି ।

ବଣାଇଁରେ ବିଧାୟକଙ୍କୁ ଜନଶୁଣାଣୀ କରିବା ପାଇଁ ଅନୁରୋଧ ମୂଳକ ଦାବୀ

ବଣାଇଁ, ୨୩।୨ (ଆ.ପ୍ର) : ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଚାରି ଚାରି ଥର ବିଧାନ ସଭାରେ ବିଜୟ ହେବା ବଣାଇ ଜାତୀୟ ପାଇଁ ସୌଭାଗ୍ୟ ଓ ଗୌରବ । ବଣାଇ ଅଂଚଳ ଆଦିବାସୀ ଗରିବ ଅଧୁଷିତ ଅଂଚଳ । ଶ୍ରେଷ୍ଠ ବିଧାୟକ ଭାବରେ ଲକ୍ଷ୍ମଣ ମୁଣ୍ଡାଙ୍କୁ ଆଶା ଭରସା କରି ଜିତେଇ ଆସୁଛନ୍ତି । କିନ୍ତୁ ଏଠାରେ ଆଦିବାସୀ ଗରିବ ଶ୍ରେଣୀର ଲୋକ ମାନଙ୍କ ଦୁଃଖ ଦୁର୍ଦ୍ଦଶା କହିଲେ ନସରେ । ଅନେକ ସମୟରେ ପ୍ରଶାସନର ଦ୍ୱାରସ୍ତ ବାରମ୍ବାର ହେବା ସତ୍ତ୍ୱେ କାର୍ଯ୍ୟ ହୋଇ ପାରୁନି ବୋଲି ଅଭିଯୋଗ ହେଉଅଛି । କାହାକୁ ଗୁହାରି କରିବେ ଜନ ସାଧାରଣ । ଲୋକଙ୍କ ବିଧାୟକ ପ୍ରତି ଆଶା ଭରସା ରହିଛି । ବହୁ ଦିନ ହେଲା ଆବାସ ଗୃହ, ବୟସ୍କ ବାଣ୍ଡି, ଅସହାୟ ମହିଳା ଭତା ପାଇଁ ତାଲିକା ଲୁପ୍ତ ହୋଇ ପାରୁ ନାହାନ୍ତି । ତାଲିକାରେ ପାଇବାକୁ ଥିବା ଭତା ଆଉଜଣେ ବ୍ୟକ୍ତିଙ୍କର ମୃତ୍ୟୁ ହେଲେ ମୁଆଁ ଛାଡି ହେବ । ବାଣ୍ଡା ଧାନ ବିକ୍ରୟରେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଜଳ କାଉଣ୍ଟାରର ବୃଷ୍ଟିତ ଜଳ ଧୂଆଁ ପ୍ରଦୂଷଣରେ ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି । ବିଧାନ ସଭା ଅଧିବେଶନ ବସିଲେ ସାଧାରଣ ଲୋକଙ୍କର ଅନେକ ଆଶା ଭରସା ରହିଥାଏ, ବିଧାୟକ ମାନେ ଅନେକ କଥା ସରକାରଙ୍କ ଦୃଷ୍ଟିକୁ ଆଣିଥାନ୍ତି । ହେଲେ ଜନ ସାଧାରଣଙ୍କ ମଧ୍ୟରେ ଚର୍ଚ୍ଚା ବିଧାୟକଙ୍କ ଦ୍ୱାରା ଜନ ଶୁଣାଣୀ ରୋଟେ ହେଉ ଯାହା ଫଳରେ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କୁ ପ୍ରତ୍ୟେକ ଭାବେ ନିର୍ଭୟରେ ଲୋକେ ନିଜର ଦୁଃଖ ଦୁର୍ଦ୍ଦଶା ଓ ଅଂଚଳର ବୁଦ୍ଧିଧା ଅସୁବିଧା ଜଣାଇ ପାରିବେ । ତେଣୁ ବଣାଇ ଠାରେ ଜନ ଶୁଣାଣି କରିବା ପାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ପାଖରେ ଜନସାଧାରଣଙ୍କ ବୁଦ୍ଧିଜୀବୀ ମହଳରେ ଅନୁରୋଧ ମୂଳକ ଦାବୀ ରଖିଛନ୍ତି ।

ନୂଆପଡ଼ା ଜିଲ୍ଲା ବାବେବୀର ପଂଚାୟତରେ ପ୍ରବାସୀ ଶ୍ରମିକ ସଚେତନତା ସଭା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ

ବୋଡ଼େନ, ୨୩।୨ (ଆ.ପ୍ର) : ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକ ବାବେବୀର ଗ୍ରାମ ପଂଚାୟତରେ ଅତିରିକ୍ତ ଜିଲ୍ଲାପାଳ ସୁବାଶ ଚନ୍ଦ୍ର ଉଚ୍ଚତର ସଭାପତିତ୍ୱରେ ପ୍ରବାସୀ ଶ୍ରମିକ ନିରାକରଣ ପାଇଁ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲ୍ଲାପାଳ ସୁମିତ ସୋରେନ, ସିଡିଏମଓ, ଚାରି ଧନେଶ୍ୱର ସେଠୀ, ବିଡ଼ିଓ ସୁଶାନ୍ତ କୁମାର ଗଣ୍ଡା, ସ୍ଥାନୀୟ ସରପଂଚ ସୁଗେଶ୍ୱର ପାଣ୍ଡେ ପ୍ରମୁଖ ଅତିଥି ହିସାବରେ ଯୋଗଦେଇଥିଲେ । ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ସମ୍ମିତ ଅତିଥି, ଅଧିକାରୀ ତଥା ଜନସାଧାରଣଙ୍କୁ ସ୍ୱାଗତ କରି ସଭା ପରିଚାଳନା କରିଥିଲେ । ସଭାରେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଯୋଗଦେଇ ଶ୍ରମିକ, କୃଷକ, ମହିଳା ତଥା ଜନସାଧାରଣଙ୍କ ପାଇଁ ଥିବା ବିଭିନ୍ନ ବିଭାଗୀୟ ଲୋକାଭିମୁଖୀ ଯୋଜନା ସମ୍ବନ୍ଧରେ ଅବଗତ କରାଇଥିଲେ । ପ୍ରଥମେ ସମାରୋହରେ ଝିଅ ପାଇଁ ଗଛଟିଏ ଏବଂ ଚାରିପ୍ରଜନ୍ମ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅତିରିକ୍ତ ଜିଲ୍ଲାପାଳ ନବ ଜାତକ ଶିଶୁ କନ୍ୟା ଚନ୍ଦ୍ରିମା ଜଗତକୁ କୋଳରେ ଧରି ତାହାର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଶିଶୁର ପିତାମାତାଙ୍କୁ ଉପହାର ସହିତ ନୂତନ ବୃକ୍ଷ ଚାରା ପ୍ରଦାନ କରିଥିଲେ । ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ଗାଁର ଚାରି ଜଣ ଗର୍ଭବତୀ ମହିଳାଙ୍କୁ ଫଳମୂଳ, ପନିପରିବା, ପୁଷ୍ଟିକର ଖାଦ୍ୟ ଏବଂ ବିଭିନ୍ନ ଉପହାର ଅତିଥି ମାନେ ଭେଟି ଦେଇଥିଲେ । ଏହି ଅବସରରେ, ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା 'ମା' ବିଷୟ ବସ୍ତୁ ଉପରେ ଏକ କ୍ଷୁଦ୍ର କାଟିକା ପରିବେଷଣ କରାଯାଇଥିଲା । ସେହିପରି, ସ୍ଥାନୀୟ କଳାକାର ମାନେ ପାଲା ମାଧ୍ୟମରେ ଲୋକଙ୍କୁ ସଚେତନତାର ବାର୍ତ୍ତା ଦିଆ ଯାଇଥିଲା । ଅତିରିକ୍ତ ଜିଲ୍ଲାପାଳ ଓ ଅତିଥି ମାନେ ପ୍ରବାସୀ ଶ୍ରମିକ ନରେନ୍ଦ୍ର ବିଶୀଙ୍କ ଘରକୁ ପରିଦର୍ଶନ କରି ତାଙ୍କ ପରିବାର ସହ ଆଲୋଚନା କରିଥିଲେ । ଜିଲ୍ଲାରେ ଥିବା ବିଭିନ୍ନ ସରକାରୀ ଯୋଜନା ବିଷୟରେ ବୁଝାଇବା ସହ ଏଥାର ଲାଭ ଉଠାଇବା ପାଇଁ ଉପଦେଶ ଦେଇଥିଲେ । ବିଶୀଙ୍କ ପରିବାରକୁ ଛତୁ ଚାଷ କରି ରୋଜଗାର କରିବାକୁ ପ୍ରେରଣା ଦେଇଥିଲେ । ପକ୍ଷୀ ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ଅତିଥିମାନେ ପକ୍ଷୀମାନଙ୍କ ପାଇଁ ବାସ, ଖାଦ୍ୟ, ଜଳ ଯୋଗାଇ ଦେଇଥିଲେ । ଏହି ଶିବିରକୁ ବୋଡ଼େନ ବିଡ଼ିଓ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଏସ ଗୀତା, ସିଡ଼ିପିଓ, ସ୍ଥାନୀୟ ସରପଂଚ, ପଂଚାୟତିରାଜ ବିଭାଗ, ଜଙ୍ଗଲ ବିଭାଗ ପ୍ରମୁଖ ଆୟୋଜନ କରିଥିଲେ ।

ଶ୍ରୀ ଅରବିନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକୋତ୍ସବ ଓ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଲେ-ଯୁବ ଚେହେରା ଅମିତ ମଲ୍ଲିକ

ଧାନମଣ୍ଡଳ, ୨୩।୨ (ଆ.ପ୍ର) : ଧାନମଣ୍ଡଳ ବ୍ଲକ ଅନ୍ତର୍ଗତ ଝୁଲୁଣ୍ଡା ସ୍ଥିତ ଶ୍ରୀ ଅରବିନ୍ଦ ପାଠ ଚକ୍ର ଓ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍গ ଶିକ୍ଷା ଓ ଗବେଷଣା କେନ୍ଦ୍ରର ଷୋଡ଼ଶ ବାର୍ଷିକୋତ୍ସବ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟ ପରିସରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠାନର ଚୁଷ୍ଟି ମଧ୍ୟମିତା ମାଧ୍ୟମଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଥିଲା । ପ୍ରାତଃ ୬ ଘଟିକାରେ ପାଠଚକ୍ର, ୮ଟା ୩୦ ମିନିଟରେ ମାତୃ ପତାକା ଉତ୍ତୋଳନ ପରେ ଶୁଭଲକ୍ଷ୍ମୀ ନାଥଙ୍କ ଦ୍ୱାରା ଧ୍ୟାନ ଓ ପ୍ରାର୍ଥନା ପୁସ୍ତକ ପଠନ, ରାଷ୍ଟ୍ରୀ ସାମଳକ ଦ୍ୱାରା ଦୁର୍ଗା ସ୍ତୋତ୍ର ପାଠ, ସୁଶ୍ରୀ ତପସ୍ୟା ରାଉତଙ୍କ ଦ୍ୱାରା ସାବିତ୍ରୀ ପଠନ,ସୁଶ୍ରୀ ଆରାଧ୍ୟା ନାୟକଙ୍କ ଚିରନ୍ତନ ପଠନ ଅନୁଷ୍ଠିତ ହୋଇଥିଲା । ସକାଳ ୯ ଘଟିକାରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଆଲୋଚ୍ୟ ବିଷୟ ଥିଲା ଚେତନାର ଯାତ୍ରା, ଦିବ୍ୟ ଜନନୀଙ୍କ ଧରାବତରଣ ଏବଂ ଦିବ୍ୟ ଚେତନାର ନାରୀ । ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ଆଲୋଚକ ମାତ୍ର ସାଧକ ଅଶୋକ କୁମାର ସାହୁ,ମାତୃ ସାଧୁକା ଭର୍ମିନା ରାଉତ ଏବଂ ବିଦ୍ୟୁତନତା ନାୟକ ପାଠକ୍ରକୁ ସଂଚାଳନା କରିଥିଲେ ଅନୁଷ୍ଠାନର ଅଧକ୍ଷ ବୃସିଂହ ଚରଣ ନାୟକ । ଦ୍ୱିତୀୟ ସୋପାନରେ ଅନୁଷ୍ଠାନର ସଭାପତି ଅଧ୍ୟାପକ ରବୀନ୍ଦ୍ର କୁମାର କେହୁରିଆଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏହି ଉତ୍ସବକୁ ଜଦ୍‌ଘାଟନ କରିଥିଲେ ଭଦ୍ରକ ଜିଲ୍ଲା ଡେପୁଟି କଲେକ୍ଟର ଦେବବ୍ରତ ମହାପାତ୍ର ଏବଂ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ ପ୍ରେଫେସର ଡ. ବାସନ୍ତୀ ରାଉତ । ମୁଖ୍ୟ ବକ୍ତା ଭାବେ ଅଧ୍ୟାପକ ଡ.ବଡାଗ୍ରେୟ ବାଣୀ । ସଞ୍ଚାଳିତ ବକ୍ତା ଭାବେ 'ସଜାନ' ଓ ନନ୍ଦିଘୋଷ ଟିକିଲ ପ୍ରକାଶକ ଅମିତ କୁମାର ମଲ୍ଲିକ,ବରିଷ୍ଠ ସମିତି ସଭ୍ୟ ବିଷୟ ପାଲଟିଛି ।

ଓଡିଆ ଭାଷା ଓ ଅସ୍ମିତା ପ୍ରତି କୁଠାରଘାତ



ପାରଳାଖେମୁଣ୍ଡି, ୨୩।୨ (ଆ.ପ୍ର) : ନିକଟରେ ଗଜପତି ଜିଲ୍ଲା ଷଷ୍ଠିତମ ପ୍ରଂଗଣରେ ଜିଲ୍ଲାସ୍ତରୀୟ ସୁଭଦ୍ରା ଶକ୍ତି ମେଳା ଅନୁଷ୍ଠିତ ହୋଇଛି । ଏକ ଐତିହ୍ୟ, ସଂସ୍କୃତି ଓ ସାହିତ୍ୟ ତଥା ଓଡିଆ ଭାଷାର ସୁରକ୍ଷା ରଖିଥିବା ପାରଳାଖେମୁଣ୍ଡି ଏକଦା ନୂତନ ଜଳକ ପ୍ରବେଶ ଗଠନରେ ଏକ ପୁଷ୍ପଭୂମି ଠିଆଣି କରିଥିଲା । ଏଥିରେ ପାରଳାଖେମୁଣ୍ଡି ମହାରାଜା ସ୍ୱର୍ଗତ ଶ୍ରୀକୃଷ୍ଣ ଚନ୍ଦ୍ର ଗଜପତିଙ୍କ ଅମୂଲ୍ୟ ଅବଦାନ ରହିଥିଲା । ଓଡିଶା ଭାଷାଭାଷୀ ଅଂଚଳୁ ଏକାଠି କରି ପୂର୍ବତନ ମାଡ୍ରାଜ ରାଜ୍ୟ ଅଧିନରେ ଥିବା ପାରଳାଖେମୁଣ୍ଡିକୁ ଉତ୍କଳ ପ୍ରଦେଶରେ ରଖିବାପାଇଁ ତଥା ଜୟପୁରକୁ ମଧ୍ୟ ଏହି ରାଜଘରେ ରଖିବାକୁ ନିଜ ହାତ ଖର୍ଚ୍ଚରେ ବିଲାତ ଯାଇ ଗୋଲଟେବୁଲ ବୈଠକରେ ନିଜର ଦାବୀ ସଫଳତାର ସହ ହାସଲ କରିଥିଲେ । ଆଜି ଏହି ମାଟି ଓଡିଆ ଭାଷା ଓ ଅସ୍ମିତା ରେ ଘାଗ ଦେଇଛି । ନିକଟରେ ଜିଲ୍ଲାସ୍ତରୀୟ ସୁଭଦ୍ରା ମେଳାରେ ଲାଗିଥିବା ବ୍ୟାନରରେ ପାରଳାଖେମୁଣ୍ଡି ନାମକୁ ବିଲୁପ୍ତ ଭାବେ ପାର୍ଳୀଖମୁଣ୍ଡି ଲେଖାଯାଇଛି । ଏହାକୁ ଜାଂଗିରା ପୂର୍ବରୁ ଜିଲ୍ଲା ପ୍ରଶାସନ ତଦାରଖ କରିବା ଦରକାର । କିନ୍ତୁ ଏଥିରେ କାହାର ଦୃଷ୍ଟିକୁ ଆସିନାହିଁ । ଅନ୍ତତଃ, ଲଦିଖାଡରେ ଏହାର ପୁନରାବୃତ୍ତି ନକରିବାକୁ ବୁଦ୍ଧିଜୀବୀ ରାଷ୍ଟ୍ରପତି ପୁରସ୍କାର ପୁରସ୍କାରପ୍ରାପ୍ତ ଶିକ୍ଷକ ଆଚାର୍ଯ୍ୟ ବିନୋଦ ଚନ୍ଦ୍ର ଜେନା କହିଛନ୍ତି ।

ଜଗତସିଂହପୁର ଜିଲା ସାମ୍ବାଦିକ ସଂଘର ସାଧାରଣ ପରିଷଦ ବୈଠକ

ଜଗତସିଂହପୁର, ୨୩।୨ (ଆ.ପ୍ର) : ସାମ୍ବାଦିକ ମାନେ ଏକ ଦେବୀସହ ଦୃଢ଼ନମା ହୋଇ କାର୍ଯ୍ୟକରେ ସମାଜର ବିକାଶ ହୋଇପାରିବ ବୋଲି ଉଦ୍ଭବ ସାମ୍ବାଦିକ ସଂଘ ଅନୁଦୀକ୍ଷିତ ଜଗତସିଂହପୁର ଜିଲା ସାମ୍ବାଦିକ ସଂଘର ସାଧାରଣ ପରିଷଦ ବୈଠକରେ ମତ ପ୍ରକାଶ ପାଇଛି । ସ୍ଥାନୀୟ ଧନବଣ୍ଟରସ୍ଥ ଜଙ୍ଗଲ ବିଟ ହାଉସ ପରିସରରେ ଜିଲା ସଂଘ ସଭାପତି ମନୋଜ ବାଗଚ ଅଧ୍ୟକ୍ଷତା ରେ ଆୟୋଜିତ ବୈଠକରେ ଜିଲାର ପାରାଦୀପ ଓ ଜଗତସିଂହପୁର ସମେତ ସମସ୍ତ ବ୍ଲକରେ କାର୍ଯ୍ୟରତ ସାମ୍ବାଦିକ ମାନେ ଯୋଗଦେଇ ସମାଜରେ ପରିବର୍ତ୍ତନ ଓ ସଂସ୍କାର ଆଣିବା ପାଇଁ ସମସ୍ତେ ଦୃଢ଼ତାର ସହକାରେ କଲମ ଚାଳନା କରିବାକୁ ଆହ୍ୱାନ ଦେଇଥିଲେ । ଆଗାମୀ ଦିନରେ ଖବର ପରିବେଷଣ ସହିତ ସମାଜରେ ଗରିବ ଅସହାୟ ଲୋକଙ୍କ ପାଇଁ ସଂଘ କାର୍ଯ୍ୟଧାରା ଜାରି ରଖିବ ବୋଲି କର୍ମକର୍ତ୍ତା ମାନେ ପ୍ରକାଶ କରିଥିଲେ । ଏଥି ସହିତ ସାମ୍ବାଦିକ ମାନଙ୍କର ସୁରକ୍ଷା, ପେନସନ ସହ ବିଭିନ୍ନ ସମସ୍ୟା ବାବଦରେ ଆଲୋଚନା ହୋଇଥିଲା । ଏହି ବୈଠକରେ ସାଧାରଣ ସମ୍ପାଦକ ମାନସ କୁମାର କାନୁନଗୋ, ରାଜ୍ୟ ସମ୍ପାଦକ ରାଧାକାନ୍ତ ମିଶ୍ର, ସଙ୍ଗଠନ ସମ୍ପାଦକ ଆମରଜ୍ୟୋତି ସାହୁ, କୋଷାଧ୍ୟକ୍ଷ ଚାପସ ସ୍ୱାଇଁ, ଉପସଭାପତି ସୁଜନ କୁମାର ମୁଦୁଲି, ଶ୍ରୀବତ୍ସ ଲାଞ୍ଜନ ପାଢ଼ୀ, କାର୍ତ୍ତିକ ଚନ୍ଦ୍ର ବେହେରା, ସଦସ୍ୟମାନେ ଦେବ ଜ୍ୟୋତି ମହାନ୍ତି, ସୁରେଶ ନାୟକ ଓ ସିଦ୍ଧେଶ୍ୱର ସ୍ୱାଇଁ, କାର୍ଯ୍ୟକାରିଣୀ କମିଟି ସଦସ୍ୟ ଦୀପକ ମହାନ୍ତି, ବିଭୂତି ଭୂଷଣ ମଲ୍ଲୁ, ଅସ୍ତିତା ମହାନ୍ତି, ପ୍ରକାଶ ବାଗିଚ, ଚନ୍ଦ୍ରଭାନ୍ତ ବାଗିଚ ପ୍ରମୁଖ ଯୋଗଦେଇ ସାମ୍ବାଦିକ ମାନଙ୍କ ହାତ ମୁଠାକୁ ଟାଣ କରିବା ପାଇଁ ଆହ୍ୱାନ ଦେଇଥିଲେ । ସେହିପରି ଉପଦେଷ୍ଟା ରମାକାନ୍ତ ପରିଡା, ସତ୍ୟାନନ୍ଦ ସାହୁ, କରିଷ୍ଣ ସଦସ୍ୟ ବଲୁଣ ପ୍ରଧାନ ପ୍ରମୁଖ ଉଦ୍ଭବ ସାମ୍ବାଦିକ ସଂଘ ରାଜ୍ୟରେ ସାମ୍ବାଦିକ ମାନଙ୍କ କଲ୍ୟାଣ ପାଇଁ ଅନବରତ କାର୍ଯ୍ୟ କରୁଥିବାରୁ ରାଜ୍ୟ ସଂଘକୁ ପ୍ରଶଂଶା କରିଥିଲେ । ଏହି ବୈଠକରେ ନୂତନ ସଦସ୍ୟ ଭାବରେ ବିଭୂପ୍ରସାଦ ଗାଉ, ପ୍ରଭାଷ ଦାସ,ବିରଜା ପ୍ରସାଦ ସେଠୀ, ରଣଜିତ ମଲ୍ଲିକ, ସରୋଜ କୁମାର ବାଣ୍ଡ ଓ ଶୁଭାଶିଷ ସ୍ୱାଇଁ ପ୍ରମୁଖ ସଂଘ ରେ ଯୋଗଦାନ କରିଥିଲେ । ସଦସ୍ୟ ଗୁମନ୍ତ ଦାସ ଧନ୍ୟବାଦ ଅର୍ପଣ କରିବା ପରେ ସଭା ସାଙ୍ଗ ହୋଇଥିଲା ।

ଅଗ୍ନିକାଣ୍ଡରେ ଦୁଇ ବଖରା ଭସ୍ମୀଭୂତ

ଦଶପଲ୍ଲା, ୨୩।୨ (ଆ.ପ୍ର) : ଦଶପଲ୍ଲା ବଡସିଲ ଅନ୍ତର୍ଗତ ଲୋଡ଼ାଡି ପଂଚାୟତର ଟାଙ୍ଗିସାହି ଗ୍ରାମରେ ଗୋମବାର ଦିନ ଅଗ୍ନିକାଣ୍ଡ ଘଟି ଦୁଇ ବଖରା ଘର ସମେତ ବହୁ ମୂଲ୍ୟବାନ ସାମଗ୍ରୀ ପୋଡିଢେଇ ଭସ୍ମୀଭୂତ ହୋଇଯାଇଛି । ସ୍ଥାନୀୟ ଲୋକ ଓ ଦଶପଲ୍ଲା ଦମକଳବାହିନୀ ପ୍ରତେଷ୍ଟା କରି ନିଆଁକୁ ଆୟତ୍ତ କରିଥିଲେ । କ୍ଷତିଗ୍ରସ୍ତ ବଳକାହୁ ଜାଳିଙ୍କୁ ସରକାରୀ ସହାୟତା ଅତିବାର୍ଯ୍ୟ ହୋଇ ପଡିଛି । ସୂଚନା ଯୋଗ୍ୟ ଯେ, ଜଲେଶ୍ୱର ସର୍ଟ ସର୍କିଟ ଯୋଗୁଁ ଏଭଳି ଘଟିଥିବା ଦମକଳବାହିନୀ ପକ୍ଷରୁ ସୂଚନା ମିଳିଛି । ଅନ୍ୟ ଏକ ଘଟଣା କ୍ରମରେ ୫୬ ନମ୍ବର ଜାତୀୟ ରାଜପଥର ଦୁର୍ଗାପ୍ରସାଦ ସନ୍ନିକଟରେ ରାସ୍ତା କଡରେ ଥିବା ଏକ ଶାଳ ଗଛ ଉପୁଡ଼ି ରାସ୍ତା ଅବରୋଧ ହୋଇ ରହିଥିବା ବେଳେ ଦଶପଲ୍ଲା ଦମକଳବାହିନୀ ଘଟଣା ସ୍ଥଳରେ ପହଂଚି ଗଛ କାଟି ରାସ୍ତା ଅବରୋଧ ହଟାଇବା ସହିତ ପରିସ୍ଥିତି ସ୍ୱାଭାବିକ କରିଥିଲେ ।

ଫାଇନାନ୍ସ କମ୍ପାନୀର ଦବଙ୍ଗଗିରୀ, କିସ୍ତି ପଇସା ନଦେବାରୁ କାଠ ଫାଳିଆରେ ମରଣାନ୍ତକ ଆକ୍ରମଣ

ବାଲିଗୁଡା, ୨୩।୨ (ଆ.ପ୍ର) : ଫ୍ୟୁଜନ ଫାଇନନ୍ସ କମ୍ପାନୀ ଶାଖା ପରିଚାଳକଙ୍କ ଦବଙ୍ଗଗିରି, ଲୋନ୍ କିସ୍ତି ନ ଦେବାରୁ ଉତ୍ତଶ୍ରୀପ୍ତ ହୋଇ ମହିଳାଙ୍କ ସ୍ୱାମୀଙ୍କୁ କାଠ ଫାଳିଆରେ ମରଣାନ୍ତକ ଆକ୍ରମଣ କଲେ ଫ୍ୟୁଜନ୍ କମ୍ପାନୀର ଶାଖା ପରିଚାଳକ ଦିପ୍ତାନା ପ୍ରଧାନ, ସୂତନା ଅନୁସାରୀ ଶନିବାର ରାତିରେ ବାଲିଗୁଡା ଥାନା ଅନ୍ତର୍ଗତ କୁଦୁରୁଜିଆ ଗ୍ରାମ ପଂଚାୟତ ଅନ୍ତର୍ଗତ ମାଦିନାଟ ଗାଁ ର ନିରଜିନି ମଲ୍ଲିକ ଫ୍ୟୁଜନ କମ୍ପାନୀରୁ ଲୋନ ଆଣିଥିଲେ, ପଇସା ପତ୍ର ଅସୁବିଧାରୁ ସେ ଲୋନ କିସ୍ତି ଦେଇପାରି ନ ଥିଲେ, ଶାଖା ପରିଚାଳକ ଦିପ୍ତାନା ପ୍ରଧାନ ନୀରଜିନି ମଲ୍ଲିକଙ୍କ ଘରକୁ ଆସି ଜୋର ଜବରଦସ୍ତ ଲୋନ କିସ୍ତି ମାଗିବା ସହିତ ମହିଳାଙ୍କୁ ଅସଭ୍ୟ ଭାଷାରେ ଗାଳି ଗୁଳଜ କରିଥିଲେ । ମହିଳାଙ୍କ ସ୍ୱାମୀ କଂସିରୀ ମଲ୍ଲିକ ଏହାକୁ ବିରୋଧ କରିବାରୁ ଉତଶ୍ରୀପ୍ତ ହୋଇ ଗାଁ ବାଉଣ୍ଡରେ ପଡ଼ିଥିବା କାଠ ଫାଳିଆ ରେ ଆକ୍ରମଣ କରିବାରୁ କଂସିରୀ ଗୁରୁତର ହୋଇଥିଲେ । ସଙ୍ଗେ ସଙ୍ଗେ ସ୍ଥାନୀୟ ଲୋକେ ଗ

ଶୀର୍ଷଛକ
ଆରମ୍ଭ
SEITHO ARAMBHA
ମଙ୍ଗଳବାର, ୨୪ ଫେବୃୟାରୀ,୨୦୨୬ : ବାଲେଶ୍ୱର : ପୃଷ୍ଠା - ୩

ବାଲେଶ୍ୱର ଜିଲ୍ଲା ପ୍ରଶାସନ ଓ ମିଶନ ଶକ୍ତି ବିଭାଗ ପକ୍ଷରୁ ଉଦ୍‌ଘାଟିତ ହେଲା ସୁଭଦ୍ରା ଶକ୍ତି ମେଳା-୨୦୨୬

ବାଲେଶ୍ୱର, ୨୩/୦୨ (ଆ.ପ୍ର) : ରବିବାର ସନ୍ଧ୍ୟାରେ ସ୍ଥାନୀୟ ଆଇ.ଟି.ଆଇ. ପଡିଆରେ ଜିଲ୍ଲା ପ୍ରଶାସନ, ଓଡ଼ିଶାସ୍ୱ ଓ ମିଶନ ଶକ୍ତି ବିଭାଗର ମିଳିତ ସହଯୋଗରେ ସୁଭଦ୍ରା ଶକ୍ତି ମେଳା ଉଦଘାଟିତ ହୋଇଯାଇଛି । ଏହି ଉଦଘାଟନୀ ଉତ୍ସବରେ ସଦର ବାଲେଶ୍ୱର ବିଧାୟକ ମାନସ କୁମାର ଦତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିବା ବେଳେ ଅନ୍ୟାନ୍ୟ ବରେଣ୍ୟ ଅତିଥି ମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସୁଧାକର ନାୟକ, ଉପଜିଲ୍ଲାପାଳ ଶିବ ମାଳବ୍ୟ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ସଞ୍ଜୟ କୁମାର ରାଉତ ଏବଂ ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ (ଜିଲ୍ଲା ପରିଷଦ) ଡକ୍ଟର ମଧୁସ୍ମିତା ସାମନ୍ତରାୟ ପ୍ରମୁଖ ଯୋଗ ଦେଇଥିଲେ । ପ୍ରାରମ୍ଭରେ ମୁଖ୍ୟ ଅତିଥି ସମେତ ସମସ୍ତ ଅତିଥି ବୃନ୍ଦ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ନିକଟରେ ଧୂପ ଦୀପ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ । ଏଥିପରି ମେଳା ସମସ୍ତ ରାଜ୍ୟରେ ଅନୁଷ୍ଠିତ କରା ଯାଇଥିବା ବେଳେ ବାଲେଶ୍ୱର ଜିଲ୍ଲାରେ ମଧ୍ୟ ଏହି ମେଳା ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଜୁଡ଼ିଯାଇଛି । ଏହି ମେଳାରେ ଗ୍ରାମୀଣ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ,ଲଘୁଉଦ୍ୟୋଗୀମାନଙ୍କ ଉତ୍ପାଦନ ଗୁଡ଼ିକୁ ବିକ୍ରୟ ନିମନ୍ତେ ସୁଯୋଗ ସୃଷ୍ଟି କରିବା ସହ ଏ ମେଳା ବଜାର ସୃଷ୍ଟି କରିବ । ଏହି ଉତ୍ପାଦଗୁଡ଼ିକୁ ସହରୀ ରୁଚି ଓ ପସନ୍ଦକୁ ଦୃଷ୍ଟିରେ ରଖି ବିକ୍ରୟ ସୁଯୋଗ ସୃଷ୍ଟି କରାଯାଇଛି । ଏଥିରୁ ଲବ୍ଧ ଅର୍ଥ ନିଜେ ସ୍ୱାବଲମ୍ବୀ ହେବା ସହ ଦେଶର ଅର୍ଥନୈତିକ ଅଭିବୃଦ୍ଧି ହେବାର ସହାୟକ ହେବ ବୋଲି ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ସଞ୍ଜୟ କୁମାର ରାଉତ ସ୍ୱାଗତ ଅଭିଭାଷଣରେ କହିଥିଲେ । ଏହି ଉତ୍ସବରେ ସଦର ବିଧାୟକ ଶ୍ରୀ ଦତ ସମେତ ଅନ୍ୟାନ୍ୟ ବରେଣ୍ୟ ସମ୍ମାନିତ ଅତିଥି ଗଣ ଏହି ମେଳାର ଆଭିମୁଖ୍ୟ ଷଷ୍ଠ କରି କହିଥିଲେ କି ଭାରତ ସରକାରଙ୍କ ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ ଯୋଜନା ମାଧ୍ୟମରେ ଆର୍ଥିକ ଅନୁଦାନ ପ୍ରଦାନ ପୂର୍ବକ ଗ୍ରାମୀଣ ସ୍ୱୟଂ ସହାୟକ ଗୋଷ୍ଠୀ,କୁଟୀର ଶିଳ୍ପ, ହସ୍ତତନ୍ତ କାରିଗର ମାନଙ୍କ ଉତ୍ପାଦ ଗୁଡ଼ିକୁ ପ୍ରଦର୍ଶନ ଓ ବିକ୍ରୟ ବ୍ୟବସ୍ଥାକୁ ବଜାର ସହିତ ସଂଯୋଗ କରାଯିବ । ଶେଷରେ ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ (ଜିଲ୍ଲା ପରିଷଦ) ଡକ୍ଟର ମଧୁସ୍ମିତା ସାମନ୍ତରାୟ ମୁଖ୍ୟ ଅତିଥି ସମେତ ସମସ୍ତ ବରେଣ୍ୟ ଅତିଥି ଏବଂ ସୁଭଦ୍ରା ମେଳାରେ ସାମିଲ ହୋଇଥିବା କର୍ମକର୍ତ୍ତାଙ୍କୁ କୃତଜ୍ଞତା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

ଟିପିଏନ୍‌ଓଡିଏଲ୍ ପକ୍ଷରୁ ଗ୍ରୀଷ୍ମକାଳୀନ ବିଦ୍ୟୁତ୍ ଯୋଗାଣ ନେଇ ପ୍ରସ୍ତୁତି ତ୍ୱରାନ୍ୱିତ

ବାଲେଶ୍ୱର, ୨୩/୦୨ (ଆ.ପ୍ର) : ଟିପି ନର୍ଦ୍ଦୀ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିଏନ୍‌ଓଡିଏଲ୍) ପକ୍ଷରୁ ଗ୍ରୀଷ୍ମ ଋତୁରେ ଉପଭୋକ୍ତାଙ୍କୁ ଗୁଣାତ୍ମକ ବିଦ୍ୟୁତ୍ ଯୋଗାଣ ଓ ଶିଖର ଚାହିଦାର ଦକ୍ଷ ପରିଚାଳନା ନିମନ୍ତେ ପ୍ରସ୍ତୁତି ଜାରି ରହିଛି । ବିଗତ ବର୍ଷର ଧାରାକୁ ନେଇ ବାଲେଶ୍ୱର, ଭଦ୍ରକ, ଯାଜପୁର, ମୟୂରଭଞ୍ଜ ଏବଂ କେନ୍ଦୁଝର ଜିଲ୍ଲାରେ ଚଳିତ ବର୍ଷ ବିଦ୍ୟୁତ୍ ଶିଖର ଚାହିଦା ପ୍ରାୟତଃ ୧,୫୫୫ ମେଗାୱାଟ୍ ରହିବ ବୋଲି କମ୍ପାନୀ ପକ୍ଷରୁ ଆକଳନ କରାଯାଇଥିବାବେଳେ ଉପଭୋକ୍ତାଙ୍କୁ ଖରାଦିନେ ଗୁଣାତ୍ମକ ଓ ନିର୍ଭରଯୋଗ୍ୟ ବିଦ୍ୟୁତ୍ ଯୋଗାଣ ନେଇ କମ୍ପାନି ପକ୍ଷରୁ ପ୍ରତିଶ୍ରୋତମୂଳକ ରକ୍ଷଣାବେକ୍ଷଣ, ଅତ୍ୟାଧୁନିକ ପ୍ରଯୁକ୍ତି ବ୍ୟବହାର ଓ ଗ୍ରାହକ ସୁରକ୍ଷା କ୍ଷେତ୍ରରେ ବୃହତ୍ ପଦକ୍ଷେପ ଗ୍ରହଣ କରାଯାଇଛି । ବିଦ୍ୟୁତ୍ ବ୍ୟବସ୍ଥା ସ୍ଥିତିକୁ ସ୍ୱାଂଚ କରିବା ଓ ତାହାର ସମୟୋଚିତ ସମାଧାନ କରିବା ପାଇଁ କମ୍ପାନି ପକ୍ଷରୁ ଇନଫ୍ରାରେଡ୍ କ୍ୟାମେରା, ଡ୍ରୋନ୍ ଆଧାରିତ ଅଡିଟ୍ ଓ ଅଲଟ୍ରାସାଉଣ୍ଡ ସ୍କାନିଂ ପ୍ରଭୃତି ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାର ବ୍ୟବହାର କରାଯାଉଛି । ନିବେଦନିକୃତ ପରିଚାଳନା ଓ ସମୟରେ ମରାମତିକୁ ନିଶ୍ଚିତ କରିବା ପାଇଁ ବାର୍ଷିକ ରକ୍ଷଣାବେକ୍ଷଣ ବୃତ୍ତି ଅନ୍ତର୍ଗତ ୭୦୦୦ରୁ ଅଧିକ ବିଦ୍ୟୁତ୍ କର୍ମଚାରୀ ସବଷ୍ଟେସନ, ବିଦ୍ୟୁତ୍ ନେଟୱର୍କ ଓ ବିତରଣ ଇତିଭୂମିକୁ ନିରୀକ୍ଷଣ କରି ରଖିଛନ୍ତି । ବିଦ୍ୟୁତ୍ ଯୋଗାଣ ସ୍ଥିତିର ବାସ୍ତବ ସମୟ ନିରୀକ୍ଷଣ ତଥା ବିଚ୍ଛାଟ ସମୟରେ ତ୍ୱରିତ ପଦକ୍ଷେପ ପାଇଁ ଟିପିଏନ୍‌ଓଡିଏଲ୍ ପକ୍ଷରୁ ଏକ ୨୪ ଘଣ୍ଟିଆ ପାଞ୍ଚର ସିଷ୍ଟମ କଂଟ୍ରୋଲ ରୁମ୍ ମଧ୍ୟ ସ୍ଥାପନ ହୋଇଛି, ଯାହାକି ଡିଭିଜନ ଓ ସର୍କଲ୍ ସ୍ତରରେ ଥିବା କଣ୍ଟ୍ରୋଲାଇଜ୍ କଂଟ୍ରୋଲ ରୁମ୍ ସହିତ ସଂଯୋଗ କରାଯାଇଛି । ଡାଉରଖାନା, ଜନ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଜିଲ୍ଲା ମୁଖ୍ୟାଳୟ ଭଳି ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ସ୍ଥିତିକୁ ସୁନିଶ୍ଚିତ କରିବା ତଥା ଅସ୍ଥାୟୀକାଳ ଭିତିରେ ବିଦ୍ୟୁତ୍ ବିଚ୍ଛାଟକୁ ସ୍ୱାଭାବିକ କରିବା ଉପରେ ବିଶେଷ ଧ୍ୟାନ ଦିଆଯାଇଥିବା ବେଳେ ବିଦ୍ୟୁତ୍ ଅଧିକାରୀମାନେ ସୁରକ୍ଷା ନିୟମକୁ କଡ଼ାକଡ଼ିଭାବେ ପାଳନ କରିବାପାଇଁ ଆଧିକାରିକ ନିର୍ଦ୍ଦେଶନାମା ଜାରି କରାଯାଇଛି । ଏହା ସହିତ ଅସମୟ ବିଦ୍ୟୁତ୍ ବିଚ୍ଛାଟ ହ୍ରାସ କରିବା ନେଇ ଟିପିଏନ୍‌ଓଡିଏଲ୍‌ଦ୍ୱାରା ବିଦ୍ୟୁତ୍ ନେଟୱର୍କରେ ବ୍ୟାପକ ରୂପାନ୍ତରଣ କାର୍ଯ୍ୟ ଜାରି ରହିଛି । ଏ ବିଗତରେ ୭୨୪.୨ ସର୍କିଟ କିଲୋମିଟରର ୧୧ କେଭି ଓ ୨୨୨.୭ ସର୍କିଟ କିଲୋମିଟରର ଶୀଘ୍ର କେଭି କଣ୍ଡକ୍ଟରର ଇନ୍ସୁଲିକରଣ, ଖୋଲା କଣ୍ଡକ୍ଟରଗୁଡ଼ିକୁ ଏବି କେବୁଲରେ ପରିବର୍ତ୍ତନ, ବିତରଣ ଟ୍ରାନ୍ସଫର୍ମରର ଇନ୍ସୁଲିକରଣ ଓ ଉପଯୁକ୍ତ ଅଂଚଳରେ ବାତ୍ୟା ପ୍ରତିରୋଧୀ ସ୍ତମ୍ଭ କଳ୍ପିତ ବିଦ୍ୟୁତ ଖୁଂଟର ସ୍ଥାପନା ପ୍ରମୁଖ ଅନ୍ତର୍ଭୁକ୍ତ । ଓଲଚାହେଡ ଫଲ୍ଟ ପାସେଜ୍, ଇଣ୍ଟିକେଟର୍ ଶୀଘ୍ର ତ୍ରୁଟି ଚିହ୍ନଟ ଏବଂ ସୁନିଶ୍ଚିତ କରିବାରେ ସହାୟକ ହେଉଥିବାରୁ ବିଦ୍ୟୁତ ବିଚ୍ଛାତ ସୁଧାର ସମୟ ହ୍ରାସ ପାଇବା ନେଇ ଉପଭୋକ୍ତା ତଥା ଆଶାବାନ, ରହିଛନ୍ତି । ଗ୍ରୀଷ୍ମ ଋତୁ ଆସିବା ପୂର୍ବରୁ ଟିପିଏନ୍‌ଓଡିଏଲ ପକ୍ଷରୁ ବିଦ୍ୟୁତ ଭିତିଭୂମିକୁ ପ୍ରଭାବିତ କରୁଥିବା ଗଛ ଜଟା, ନେଟୱର୍କ ସ୍ଥାୟିତ୍ୱ ନେଇ ଭୂତଳ କେବୁଲଗୁଡ଼ିକର କାର୍ଯ୍ୟାନ୍ୱୟନ, ପାଥର ଟ୍ରାନ୍ସଫର୍ମରର ସ୍ୱାସ୍ଥ୍ୟ ସୂଚକାଙ୍କ ନିରୀକ୍ଷଣ, ଅନ୍ତ-ସାଇଜ୍ ଓଲଚାହେଳି ତଥା ଭାଙ୍ଗର, ଯାଜପୁର, କେଉଁଝର ଓ ଦାରିଫପାଲର ଭିତ୍ତିରେ ଆଧାରିତ ନିରୀକ୍ଷଣ କେନ୍ଦ୍ର ପ୍ରଭୃତି ବୈଜ୍ଞାନିକ ଜ୍ଞାନକୌଶଳଯୁକ୍ତ ପଦକ୍ଷେପ ହାତକୁ ନିଆଯାଇଛି । ଓଡ଼ିଶା ବିତରଣ ବ୍ୟବସାୟ ମୁଖ୍ୟ ତଥା ଟିପିଏନ୍‌ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଗଜାନନ କାଲେ କହିଛନ୍ତି ଯେ, ଚଳିତ ଗ୍ରୀଷ୍ମ ଋତୁ ପାଇଁ କମ୍ପାନୀ ପକ୍ଷରୁ ଅତ୍ୟାଧୁନିକ ବୈଜ୍ଞାନିକ ଜ୍ଞାନକୌଶଳ ଏବଂ ଉନ୍ନତୀକୃତ ବିଦ୍ୟୁତ ଅଧିକାରୀଙ୍କୁ ନେଇ କମ୍ପାନି ବହୁବିଧ ସକ୍ରିୟ ପଦକ୍ଷେପ ଏବଂ ପ୍ରସ୍ତୁତିକାର୍ଯ୍ୟ ଜାରି ରଖିଛି । ଏହା ଗୁଣାତ୍ମକ ବିଦ୍ୟୁତ୍ ଯୋଗାଣରେ ସହାୟକ ହେବା ସହିତ ପରିଚାଳନା ଉତ୍କର୍ଷତା ତଥା ଉପଭୋକ୍ତା ସୁରକ୍ଷା ଦିଗରେ ବିଶେଷ ଫଳପ୍ରଦ ହେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି । ଜଡ଼ର ଓଡିଶାରେ ବିଦ୍ୟୁତ ବିତରଣ କାର୍ଯ୍ୟ ହାତକୁ ନେବା ପରାତ ଉପଭୋକ୍ତାମାନଙ୍କୁ ଗୁଣାତ୍ମକ ବିଦ୍ୟୁତ୍ ଯୋଗାଣ ସହ ବିତରଣ ଜନିତ ସେବା ଦିଗରେ ଟିପିଏନ୍‌ଓଡିଏଲ ବହୁବିଧ ପଦକ୍ଷେପ ହାତକୁ ନେଇଛି ଏବଂ ଅଂଚଳରେ ବିଦ୍ୟୁତ ବିତରଣ ସେବାରେ ରୂପାନ୍ତରଣ ଆଣିପାରିଛି ।

ଘୋଷଣାନାମା

ଏତଦ ଦ୍ୱାରା ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶ କରାଯାଉଛି କି ସୁଗ୍ରୀବ ପଣ୍ଡା, ପି-ନିତ୍ୟାନନ୍ଦ ପଣ୍ଡା, ଗ୍ରାମ-ପୋ- ସାର୍ଥ, ଭାୟା- ଜଳଦିପଦା, ଥାନା-ସିଂଲା, ଜିଲ୍ଲା- ବାଲେଶ୍ୱର, ପିନ-୭୫୬୦୨୨, ଓଡ଼ିଶା । ନିଜସ୍ୱ ଭୂ-ସମ୍ପତ୍ତି ମୋଜା-ସାର୍ଥ, ତହସିଲ-ବାଲେଶ୍ୱର, ଖାତା ନମ୍ବର-୨୬୧୦/୫୧୯୧, ପ୍ଲଟ ନମ୍ବର-୨୮୦୦/୧୭୧୪୪କୁ ଜନା ସ୍କୁଲ ଫାଇନାନ୍ସ ବ୍ୟାଙ୍କ ବାଲେଶ୍ୱର ଶାଖାରୁ ବନ୍ଧକ ବେଇ ଋଣ ଗ୍ରହଣ କରୁଛନ୍ତି । ଲିଜ ବନ୍ଧକ ସମୟରେ ଜାହାଜି କିଛି ଅଭିଯୋଗ ଥିଲେ ଏହି ବିଜ୍ଞପ୍ତି ପ୍ରକାଶ ତାରିଖ ଠାରୁ ୧୫ ଦିନ ମଧ୍ୟରେ ଆମର ଓଲିଶ ଶ୍ରୀ ଅରୁଣ କୁମାର ବେହେରାଙ୍କୁ ଯୋଗାଯୋଗ କରି ପାରିବେ । ଯୋଗାଯୋଗ ନଂ-୮୨୪୯୬ ୫୮୩୧୯୭ । ନିର୍ଦ୍ଧାରିତ ସମୟ ସୀମା ପରେ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ ।

ସୁମତ ପଣ୍ଡା

ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ

ଭୋଗରାଇ, ୨୩/୦୨ (ଆ.ପ୍ର):ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ଆନୁକୂଲ୍ୟରେ ସୋମବାର ଭୋଗରାଇ ବ୍ଲକରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଭୋଗରାଇ ପଂଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏହି ଶିବିରକୁ ବିଡିଓ ପ୍ରଶାନ୍ତ ମହାରଣା ଉଦଘାଟନ କରିଥିଲେ । ଏହି ଶିବିରରେ ମୋଟ ୫୭୯ ଜଣ ପଞ୍ଜିକରଣ କରିଥିଲେ । ସେଥି ମଧ୍ୟରୁ ୧୨୨ ଜଣ ବିକଳାଙ୍ଗ ପ୍ରମାଣପତ୍ର ଭିନ୍ନକ୍ଷମ, ୮୨ ଦୃଷ୍ଟି ବାଧିତ, ୩୩୯ ଅସ୍ଥି ଶକ୍ତ ବାଲ ହୀନତା ସ୍ନାୟୁ ଆଘାତ ରହିଥିଲେ । ଏହା ବ୍ୟତୀତ ଦିଆଅଛି ଜଣ ୫ ଜଣ ଓ ବଧରେ ଯାତାୟାତରେ ସୁବିଧା ପାଇଁ ୨୮ ଜଣଙ୍କୁ ମନୋନୀତ କରିଥିଲେ । ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଗୌରାଙ୍ଗ ସାମଲ, ବ୍ଲକ ସାମାଜିକ ସୁରକ୍ଷା କନିଷ୍ଠ ସହାୟକ ଅବିନ୍ୟ ପ୍ରଧାନ, ସପନ ବୃଦ୍ଧ ସମେତ ବ୍ଲକର କର୍ମଚାରୀ ମାନେ ଏହି ଶିବିରକୁ ପରିଚାଳନା କରିଥିଲେ ।

ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଓଡ଼ିଶା ଆନ୍ତଃବିଶ୍ୱବିଦ୍ୟାଳୟ ଖେଳକସରତ ଓ କ୍ରୀଡ଼ା ପ୍ରତିଯୋଗିତା ୨୦୨୫-୨୦୨୬ ର ଭବ୍ୟ ଉଦ୍‌ଘାଟନ

ନୀଳଗିରି, ୨୩/୦୨ (ଆ.ପ୍ର) : ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରୟାସ ଓ ଓଡିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ସହଯୋଗରେ ଆୟୋଜିତ "ଓଡ଼ିଶା ଆନ୍ତଃବିଶ୍ୱବିଦ୍ୟାଳୟ ଖେଳକସରତ ଓ କ୍ରୀଡ଼ା ପ୍ରତିଯୋଗିତା ୨୦୨୫-୨୦୨୬" ର ଉଦଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଚଳିତ ମାସ ୨୩ ଠାରୁ ୨୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କ୍ରୀଡ଼ା ମହାଉତ୍ସବରେ ରାଜ୍ୟର ୧୫ଟି ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ୨୩୦୦ ରୁ ଊର୍ଦ୍ଧ୍ୱ କ୍ରୀଡ଼ାଳୁ ଓ ସେମାନଙ୍କର ପ୍ରତିନିଧି ତଥା କୋଚ୍ ମାନେ ଏହି ଆୟୋଜନରେ ଅଂଶଗ୍ରହଣ କରିଥିଲେ । ଏଥିରେ ସମୁଦାୟ ୧୧ ଟି ଖେଳକସରତ ଓ କ୍ରୀଡ଼ାକୁ ଅନ୍ତର୍ଭୁକ୍ତ କରାଯାଇଛି (ଇନଡୁଅର ଓ ଆଉଟଡୋର) । ପ୍ରାରମ୍ଭରେ ବିଭିନ୍ନ ବିଶ୍ୱବିଦ୍ୟାଳୟର ଅଂଶଗ୍ରହଣକାରୀମାନଙ୍କ ଭବ୍ୟ ସମାବେଶ ହୋଇଥିଲା । ମୁଖ୍ୟ ଅତିଥି ବାଲେଶ୍ୱର ଲୋକସଭା ମଣ୍ଡଳୀର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ଆୟୋଜକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଦ୍ୱାରା ପ୍ରତିଯୋଗିତାର ପତାକା ଉତ୍ତୋଳନ କରାଯାଇଥିଲା । ଏହାପରେ ୧୫ଟି ବିଶ୍ୱବିଦ୍ୟାଳୟର ଦଳମାନଙ୍କ ଦ୍ୱାରା ଶୃଙ୍ଖଳିତ ମାର୍ଚ୍ଚପାଷ୍ଟ ପ୍ରଦର୍ଶନ କରାଯାଇଥିଲା । ମୁଖ୍ୟ ଅତିଥି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ତାଙ୍କ ଅଭିଭାଷଣରେ କ୍ରୀଡା ଆତ୍ମା, ଶୃଙ୍ଖଳା ଓ ଏକତାର ମାଧ୍ୟ ଭାବରେ କରି କ୍ରୀଡ଼ାଳୁମାନଙ୍କୁ ସତ୍ୟନିଷ୍ଠା ଓ ଉତ୍ସାହର ସହିତ ଖେଳିବାକୁ ପ୍ରେରିତ କରିଥିଲେ । ଖେଳକସରତ ଦ୍ୱାରା ସମ୍ପୂର୍ଣ୍ଣ ବ୍ୟକ୍ତିତ୍ୱର ଶୃଙ୍ଖଳିତ ବିକାଶ ନେଇ ସେ କ୍ରୀଡାଭିତ୍ତିକ ଉଦଘୋଷଣ ପ୍ରଦାନ କରିଥିଲେ । ଉଦଘାଟନୀ ଅଧିବେଶନରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ ତଥା ସମସ୍ତ ଅଂଶଗ୍ରହଣକାରୀଙ୍କୁ ଶୃଙ୍ଖଳିତ ହୋଇ ନିଜର ଉଚ୍ଚକୋଟୀର ପ୍ରଦର୍ଶନ ଦେବାକୁ ଉତ୍ସାହିତ କରିଥିଲେ । ଏହି ଅବସରରେ ଭୁବନେଶ୍ୱରସ୍ଥିତ ଓଡିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦର ସଦସ୍ୟା ପ୍ରଫେସର ସୁସ୍ମିତା ପ୍ରଧାନ ପଣି ତାଙ୍କ ଉଦବୋଧନରେ ଉଚ୍ଚଶିକ୍ଷା ସଂସ୍ଥାମାନଙ୍କ ମଧ୍ୟରେ କ୍ରୀଡା ସଂସ୍କୃତିର ବିକାଶରେ ଏପରି ପ୍ରତିଯୋଗିତାର ଭୂମିକାକୁ ସ୍ୱାଗତ କରିଥିଲେ । ଓଡ଼ିଶା ଉଚ୍ଚଶିକ୍ଷା ବିଭାଗ ଏଥିପ୍ରତି ଯତ୍ନଶୀଳ ହେବା ସହ ଛାତ୍ରଛାତ୍ରୀଙ୍କ ଯୋଗଦାନକୁ ପ୍ରୋତ୍ସାହିତ କରିଥିଲେ । ସ୍ୱାଗତୋକ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ଦେବେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ବିଶ୍ୱବିଦ୍ୟାଳୟର କ୍ରୀଡା ପରିଷଦର ନିର୍ଦ୍ଦେଶକ ପ୍ରଫେସର ପଦ୍ମିନୀ ମୋହନ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ । କୁଳସଚିବ (ଦାୟିତ୍ୱରତ) ଜଜନ ସୋରେନ ମଧ୍ୟ ନିଜ ମୂଲ୍ୟବାନ ଅଭିଭାଷଣ ପ୍ରଦାନ କରିଥିଲେ । ଏହାପରେ ମୁଖ୍ୟ ଅତିଥି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଆନୁଷ୍ଠାନିକ ଭାବେ "ଓଡିଶା ଅନ୍ତର୍ବିଶ୍ୱବିଦ୍ୟାଳୟ କ୍ରୀଡା ଓ କ୍ରୀଡାକୌଶଳ ପ୍ରତିଯୋଗିତା ୨୦୨୫-୨୦୨୬" କୁ ଉଦଘାଟନ ଘୋଷଣା କରିଥିଲେ । ଏହାସହିତ ସମସ୍ତ କ୍ରୀଡ଼ାଳୁ ଓ ଉପସ୍ଥିତ ଅତିଥିମାନଙ୍କ ଦ୍ୱାରା କ୍ରୀଡା ଶପଥ ଗ୍ରହଣ କରାଯାଇଥିଲା । ଉଦଘାଟନୀ ଅଧିବେଶନର ସମନ୍ୱୟକାରୀ ଭାବେ ସହାୟକ ଅଧ୍ୟାପିକା ଡକ୍ଟର ରାଜଶ୍ରୀ ଦତ କାର୍ଯ୍ୟନିର୍ବାହ କରିଥିଲେ । କ୍ରୀଡା ପରିଷଦର ଉପନିର୍ଦ୍ଦେଶକ ଡକ୍ଟର ଅମିତ କୁମାର ଶର୍ମା ଔପଚାରିକ ଧନ୍ୟବାଦ ଜ୍ଞାପନ କରିଥିଲେ । ଶେଷରେ ସମସ୍ତ ଦଳକୁ ମାର୍ଚ୍ଚ ପାଷ୍ଟ ଓ ଉଦଘାଟନୀ ଅନୁଷ୍ଠାନର ସମ୍ପୂର୍ଣ୍ଣ ଚିତ୍ରିଥିଲା । ଏହି ବିଶାଳ କ୍ରୀଡ଼ା ମହାକୁମ୍ଭର ଆୟୋଜନ ରାଜ୍ୟର ଯୁବକ୍ରୀଡ଼ାଳୁ ମାନଙ୍କ ପାଇଁ ନିଜର ପ୍ରତିଭା ପ୍ରଦର୍ଶନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଂଚ ସୃଷ୍ଟି କରିଥିବା ଏହି ଉଚ୍ଚଶିକ୍ଷା ସଂସ୍ଥାମାନଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟ ଓ ଏକତାକୁ ଆହୁରି ସୁଦୃଢ଼ କରିବାରେ ସହାୟକ ହୋଇପାରିବା ନେଇ ଆୟୋଜକଙ୍କ ପକ୍ଷରୁ ଆଶାବାଦ କରାଯାଇଛି ।

ଫକୀରମୋହନ ସାହିତ୍ୟ ପରିଷଦ ପକ୍ଷରୁ ପାଳିତ ହେଲା ବିଶ୍ୱ ମାତୃଭାଷା ଦିବସ

ବାଲେଶ୍ୱର, ୨୩/୦୨ (ଆ.ପ୍ର) : କବିତୀର୍ଥ ଶାନ୍ତିଜାନନ ଠାରେ ଫକୀର ମୋହନ ସାହିତ୍ୟ ପରିଷଦ ପକ୍ଷରୁ ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି । ଏଥିରେ ପରିଷଦର ସଭାପତି ଡକ୍ଟର ସୁଦାସ ଚନ୍ଦ୍ର ପାତ୍ର ଶୌରୋହିତ୍ୟ କରିଥିବା ବେଳେ ମୁଖ୍ୟ ଅତିଥି ରୂପେ 'ସମାଜ' ସମ୍ପାଦକତ୍ରର ସଂପାଦକ ମୁଖ୍ୟ ଓ ସୁସାହିତ୍ୟିକ ଲୁକନାଥି ବାରିକ ଯୋଗଦେଇ କହିଲେ ଯେ ମାତୃଭାଷା ପ୍ରତି ନରହିଲେ ମାଆ, ମାଟି, ମଣିଷ ପ୍ରତି ଦରଦ ନାହିଁ । ଭାଷା ପାଇଁ ମହାରାଷ୍ଟ୍ର, କେରଳ, କର୍ଣ୍ଣାଟକ ଓ ପଶ୍ଚିମବଙ୍ଗ ସରକାର ଯେଉଁ କାର୍ଯ୍ୟମାନ କରୁଛନ୍ତି ଓ ଅର୍ଥବଣ୍ଟନ କରୁଛନ୍ତି, ଓଡିଶା ସରକାର ଏ କ୍ଷେତ୍ରରେ ବହୁ ପଛରେ ରହିଛନ୍ତି ବୋଲି ସେ କ୍ଷୋଭ ପ୍ରକାଶ କରିଥିଲେ । ଅନ୍ୟତମ ବକ୍ତା କବି ଦାମ୍ପି ଦାସ ଆଲୋଚନାରେ ଭାଗ ନେଇ କହିଲେ ଯେ ଭାଷା ବିନା ନିଷ୍ପ୍ରାଣ ଏ ପୃଥିବୀ । ମାଆ ବାଗଦେବୀଙ୍କ ଆଶିର୍ବାଦ ଦ୍ୱାରା ଏଠାରେ ସବୁକିଛି ଆନନ୍

ଦୈନିକ
ଆରମ୍ଭ
SEITHO ARAMBHA
ମଙ୍ଗଳବାର, ୨୪ ଫେବୃୟାରୀ,୨୦୨୬ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ହଯିଯାଉଛି

ପରମ୍ପରାକୁ ନେଇ ଦ୍ୱନ୍ଦ୍ୱ । କାହିଁକି କେଜାଣି ମାନବ ସମାଜ ପାଶ୍ଚାତ୍ୟ ସଭ୍ୟତାର ବାହିରେଇ ଠିକ୍ ଭୁଲ୍ ନିରୂପଣ କରି ମଧ୍ୟ ସେଥିରୁ ବିଚ୍ୟୁତ ହେବାର ଲକ୍ଷଣ ଦେଖାଯାଏ । ଗ୍ରାମୀଣ ଚଳଣୀ, ସଂସ୍କୃତି ଓ ପରମ୍ପରା ସବୁ କେମିତି ଗୋଟେ ଅଦୃଶ୍ୟ ବାଡ୍ୟା ବିଛାଯିବାରେ ତୁରନ୍ତରୁ ହେଇଯାଉଛି । ଧୋଇ ଯାଉଛି ଗ୍ରାମୀଣ ଭାଇଚାରା ସମ୍ପର୍କ । ବ୍ୟସ୍ତ ବହୁଳ ଜୀବନର ବୋଝ ନା ଆହୁଲିଛି ? ଭାଇଚାରା ସମ୍ପର୍କର ଅବନତି ଓ ଦ୍ୱନ୍ଦ୍ୱ ପ୍ରତ୍ୟେକ ଗ୍ରାମର ଏକ ବିଷମ ସମସ୍ୟା ହୋଇ ଛିଡ଼ା ହୋଇଛି । ଗ୍ରାମୀଣ ବାତାବରଣରେ ସବୁଠୁ ସର୍ତ୍ତ ପାଇଛି । ଏହା ପ୍ରଗତିର ମାୟା ହୋଇପାରେ ସତ କିନ୍ତୁ ଗ୍ରାମୀଣ ବସତି ସ୍ଥାପନ କେଉଁ ଆଦିମ କାଳରୁ ଅଟେ । ତଥାପି ଭିନ୍ନ ଭିନ୍ନ ପର୍ବ, ଉତ୍ସବ, ମେଳନ, ଯାତରା, ଇତ୍ୟାଦି ଯେପରି ଘୋଡ଼ା ନାଚ, ଦାସକାଠିଆ, ପାଲା, ଚଢ଼େଇ ଚଢ଼େଇ ନାଚ, ନାଗା ନାଚ, ଇତ୍ୟାଦି ବିଭିନ୍ନ ରକମର ଲୋକକଳା ଅଦୃଶ୍ୟ ହୋଇଗଲାଣି ଯାହା ଗ୍ରାମୀଣ ସଭ୍ୟତାରୁ ଉତ୍ପନ୍ନି ଥିଲା । ଏକାଠି ବସି ଲୁଡ଼୍, ତାସ, ପଶା ପାଲି ସଂଧ୍ୟା ପ୍ରହର ଠାରୁ ଭାଗବତଘର ପିଣ୍ଡା କିମ୍ବା ଜୋଟ ଚାନ୍ଦିନୀ ମାଳକରେ ଖେଳ ହେବାର ଦୃଶ୍ୟ ବିଲୁପ୍ତ । ପୁଣି କୁବଘରେ, ସ୍କୁଲଘରେ ରାତୁରେ ଯାତରା ଶିକ୍ଷୁରା, ଡ୍ରାମା ଶିକ୍ଷୁରା ଏବଂ ଭାଗବତ ଘରେ ଭାଗବତ ପଢ଼ା ଇତ୍ୟାଦିରେ ଗ୍ରାମୀଣ ଲୋକମାନେ ସକ୍ରିୟ ଅଂଶ ଗ୍ରହଣ କରୁଥିଲେ ଯାହା ଏକ ପ୍ରାଣାୟମ ସଦୃଶ ଥିଲା । କଥାରେ ଅଛି ଯେମତେନେ ପ୍ରକାରେ ମନ ଆନନ୍ଦ ରହିଲେ, ଶରୀର ସୁସ୍ଥ ରହେ । ଏଇଜି ଘଟଣାଗୁଡ଼ିକ ଗ୍ରାମୀଣ ସଂସ୍କୃତିର ବାର୍ତ୍ତା ବହନ କରୁଥିଲା । ସମୟ ଥିଲା ଗଳପର୍ବ, କୁମାର ଉତ୍ସବ ବେଳେ ଝିଅପିଲାମାନେ ସଜବାଜ ଏକତ୍ର ଭାବେ ଖେଳିବା, ବୁଲିବା, ଦରଖୁସିହେବା, ପୁଣି ସାଝି ପଡ଼ିଶାରେ ପ୍ରତ୍ୟେକଙ୍କ ଘରେ ଖାଦ୍ୟ, ପାନୀୟ, ସାଥୀ ହୋଇ ଗ୍ରହଣ କରି ନିଜ ନିଜ ମନକୁ ଖୁସି ରଖିପାରୁଥିଲେ । ପୁଅପିଲାମାନଙ୍କ କବାଡ଼ି, ଗୋଲ-ପୁଲିସ ଇତ୍ୟାଦି ଅନେକ ପ୍ରକାର ଖେଳକୁଦ କରି ନିଜ ଶରୀରକୁ ସୁସ୍ଥ ରଖିପାରୁଥିଲେ । କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ ସମୟ ସହ ପାଦଆଡି ଚାଲିବାର ଅଛି । ସହରୀ ସଭ୍ୟତା ଗ୍ରାମାଞ୍ଚିମୁଖୀ ହୋଇଛି । ପର ଆପଣା ଭେଦଭାବ ଆସିଛି । ଆଜି ପ୍ରଚୁର ଅର୍ଥ ଥାଇ ମଧ୍ୟ ଗ୍ରାମୀଣ ପୂଜା ବଜାୟ ରଖିବାର ମନଦୃଢ ନାହିଁ । ମୋର, ଆମର ଇଚ୍ଛାବେଶ କରି ଆମେ ସମସ୍ତେ ଏଠି ବାସ୍ତା । ଗ୍ରାମୀଣ ପରିମଳ ବ୍ୟବସ୍ଥାରେ ଉନ୍ନତି ଆସିଛି । ବିଦ୍ୟୁତ୍ ଆଲୋକରେ ଗ୍ରାମର ରାସ୍ତା ଝଟକୁଛି । ବିଭିନ୍ନ ପ୍ରକାର ସରକାରୀ ସେବା ଯୋଗାଇ ଦିଆଗଲାଣି । ଗ୍ରାମ ପୋଖରୀକୁ ଯିବାକୁ ପହୁଞ୍ଚି ନିତ୍ୟକର୍ମ ପାଇଁ କିମ୍ବା ଚାଷାସୁଅ ହଳଲଙ୍ଗଳ ଘେନି ତା ଜମିକୁ ଯିବାକୁ ଇଦ୍ୟମ କରୁଛି । ସରକାରୀ ଯୋଜନାର ଫାଇଦା ନେବାକୁ ଆମେ ସମସ୍ତେ ତତ୍ପରତା ପ୍ରକାଶ କରୁ । ସରୋଜ ବିଜୁଁ ସଂସ୍ଥା ଆମ ରାଜପୁରୁଷର ଜମିକୁମା କ୍ରୟ କରି ତାଙ୍କ ଅନ୍ତର୍ନିହିତ ସ୍ୱାର୍ଥସାଧନ କରିବାରେ ସଫଳ ହେଉଛନ୍ତି । ଦିନ ଆସିବ, ଚାଷ ଜମି ପରିମାଣ ଆଗୋ ନଥୁଇ କେବଳ ପକ୍କା ଘର, ଅଟ୍ଟାଳିକା, ଇଷ୍ଟକ୍ରି ଠିଆ ହୋଇଥିବ କୃଷିକ୍ଷେତ୍ର ମାନଙ୍କରେ । ଆମ ରାଜ୍ୟ ଓ ବାହ୍ୟ ରାଜ୍ୟର ପୁଞ୍ଜିପତି, ଶିଳ୍ପପତିମାନଙ୍କ ଲୋଲୁପ ଦୃଷ୍ଟିରୁ ଆମ ଜମି ରକ୍ଷା ପାଇବ କି ନାହିଁ ତାହାର ଉତ୍ତର କିଏ ଦେବ ? ପରିଶ୍ରମ କରି ଧାନ, ମୁଗ, ବିରି, କୋଦୋ ଅମନ କରି ପୁଣି ଜାଳୁ ବିଛୁଅ କରିବା ଏବଂ ନିଜର ଭରଣ ପୋଷଣ କରିବା ତାହା କେଉଁ କାଳ କଥା । ଏବେ ଆମେ ଜୈବ ପ୍ରଯୁକ୍ତି ବିଦ୍ୟା ପ୍ରୟୋଗ ଦ୍ୱାରା ବିଜ୍ଞାନ ଓ କାରିଗରୀ ବିଦ୍ୟାର ଯଥେଷ୍ଟ ପ୍ରୟୋଗ ଆମମାନଙ୍କୁ କବଳିତ କରିସାରିଛି । ଜୈବକ ସହରଲୋକ ସୁଖ, ସ୍ୱାଚ୍ଛନ୍ଦ୍ୟ ଜୀବନ ବିତାଇବେ ଆମେ ଗ୍ରାମୀଣ ଜନବାସୀ କଣ ସୁଖୀ ଜୀବନ ପାଇବୁ ନାହିଁ ? ଉତ୍କଳୀୟ ପରମ୍ପରାକୁ ନେଇ ଆମ ଗର୍ବ ଥିଲା । ସାଧବ ପୁଅ ଲାଲା, ସୁମାରୀ, ଆଦି ଦୀପପୁଞ୍ଜଲାକୁ ଜଳପଥରେ ଜଙ୍ଗା ଦ୍ୱାରା ଯାଇ ବଣିକ କରି ସେଠାକାର ମୂଲ୍ୟବାନ ଜିନିଷ ଦ୍ରବ୍ୟ ସାଙ୍ଗରେ ଆଣୁଥିଲେ । ଓଡ଼ିଆ ପୁଅର ନାହାଣ ମୁଗୁର ମୁନ କଥା କହୁଥିଲା କୋଣାର୍କ ସୂର୍ଯ୍ୟ ମନ୍ଦିର ଜାଳୁ ବାଡ଼ରେ । ଆମ ପିଠା, ପଣା, ଭୋଗ, ରାଗର ସ୍ୱତନ୍ତ୍ର ସ୍ଥାନ ଅଛି । କାର୍ତ୍ତିକମାସରେ ହବିଷ୍ୟ, ମାର୍ଗଶୀରରେ ଲକ୍ଷ୍ମୀଚୁରେ, ଆମ ଉତ୍କଳୀୟ ନାରୀ ପାନଖି ଓ ଓଷା କରନ୍ତି । ଅଷ୍ଟମ ଚୁଡ଼ାୟାରେ ପ୍ରଥମ କରି ଚାଷଉର୍ଯ୍ୟର ଶୁଭ ଦିଆଯାଏ ଜମିରେ ଓ ଅଷ୍ଟମ ମୁଠି ଛିଂଚନ କରାଯାଏ । ଆଷାଢ଼ରେ ଜଗନ୍ନାଥ ରଥାରୁଢ଼ ହୋଇ ଗୁଣ୍ଡିଚାଗାଣ୍ଡୀ ମନ୍ଦିରକୁ ଗମନ କରନ୍ତି । ଆଶ୍ୱିନରେ ଜଗଦାତ୍ରୀ ମା' ଦୁର୍ଗା ଧରାବତରଣ କରିଥାନ୍ତି । ଆମ ପରମ୍ପରା କଥା ଭାବିଲେ ଗର୍ବରେ ଆମ ଛାତି ଫୁଲିଉଠେ । ଏହି ଦେଶ ଉତ୍କଳ, ଏହାର ଚଳଣୀ ଓ ପରମ୍ପରା ବିଶ୍ୱରେ ଅନନ୍ୟ, ସ୍ୱତନ୍ତ୍ର ଯାହା ଆଜ କେଉଁ ପ୍ରଦେଶରେ କିମ୍ବା ବିଶ୍ୱରେ କେଉଁ ସ୍ଥାନରେ ଦେଖାଯାଏନି । ଉତ୍କଳ ଅଟେ କଳା, ସଂସ୍କୃତିର ମାଟି, ଯେଉଁଠାରେ ଲୋକକଳା, ଲୋକନୃତ୍ୟ, ଲୋକବାଦ୍ୟ ପ୍ରଥା ବିଶ୍ୱ ବନ୍ଦନୀୟ ରୂପେ ପରିଚିତ ତଥାପି ଆମ ସଭ୍ୟତା ଯେତେ ଉନ୍ନତି ହେଉନେଦି ଆମେ ଆମ ଚଳଣୀ ଓ ପରମ୍ପରାଠାରୁ ବିଚ୍ୟୁତ ନହେବା ଉଚିତ । ଗ୍ରାମ୍ୟ ସଭ୍ୟତା ଉନ୍ନତି ହେଲେ ଯାଇ ଦେଶ ଉନ୍ନତି ହେବ ।

ଶ୍ରୀଜଗନ୍ନାଥ ଆଧ୍ୟାତ୍ମିକ କେନ୍ଦ୍ର, ମହାମହିମ ଓ ଜାମସେଦପୁରର ଓଡ଼ିଆ

॥ ବାଦଲ ଭୂୟାଁ ॥

ସମଗ୍ର ଭାରତ ବର୍ଷରେ ଓଡ଼ିଆରୁ ଦ୍ୱିତୀୟ ମାତୃଭାଷାର ମାନ୍ୟତା ଦେଇଥିବା ରାଜ୍ୟ ହେଉଛି ଝାଡ଼ଖଣ୍ଡ । ଓଡ଼ିଶାକୁ ଲାଗିଥିବା ଏହି ରାଜ୍ୟଟି ଶିଳ୍ପ କ୍ଷେତ୍ର ଭାବେ ସମୃଦ୍ଧ । ଅନେକ ଓଡ଼ିଆ ପିଢ଼ି ଧରି ଏଠାରେ ବୃତ୍ତିରତ କର୍ମଚାରୀ ନିମିତ୍ତ ରହି ଆନୁଷ୍ଠାନିକ ଓ ସମଗ୍ର ଝାଡ଼ଖଣ୍ଡର ବିଭିନ୍ନ ଅନୁଷ୍ଠାନରେ ପ୍ରତିଷ୍ଠିତ ପଦପଦବୀରେ ଶୀର୍ଷ କ୍ଷେତ୍ର ଓ ଲୋକପ୍ରିୟ ବ୍ୟବସ୍ଥା କ୍ଷେତ୍ରରେ ସୁନାମ ଅର୍ଜନ କରିଛନ୍ତି । ବଡ଼ ଖୁସିର କଥା ଆସନ୍ତା ୨୬ ଫେବୃଆରୀରେ ଭାରତର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଭାରତର ସର୍ବପୁରାତନ ଲୌହନଗରୀ ଜାମସେଦପୁର ଠାରେ ଶ୍ରୀଜଗନ୍ନାଥ ଆଧ୍ୟାତ୍ମିକ ଓ ସାଂସ୍କୃତିକ ଧର୍ମାର୍ଥୀ କେନ୍ଦ୍ର ଦୁଷ୍ଟର ଭୂମି ପୂଜନ କାର୍ଯ୍ୟକ୍ରମରେ ଯୋଗ ଦେବେ । ଏହି କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ଏଠାକାର ସୋନାରୀ ଏୟାର ସ୍ପୋର୍ଟ ଠାରେ ୧୧ଟା ୩୦ ସଜାନ ସମୟରେ ଅବତରଣ କରିବେ । ଏଠାରୁ ସେ ଜଦମା ମେରିନ୍ ଡ୍ରାଇଭ ଠାରେ ଅବସ୍ଥିତ ଭୂମି ପୂଜନ ସ୍ଥଳରେ ପହଞ୍ଚିବ ଦିନ ୨ଟା ୪୦ ମିନିଟ ପର୍ଯ୍ୟନ୍ତ ସେଠାରେ ଅବସ୍ଥିତ ରହିବେ । ଏହାପରେ ମେରିନ ଡ୍ରାଇଭସ୍ଥ ମହାରାଣାପ୍ରତାପ ଛକ, ଜେ.ପି. ବସ ଟର୍ମିନାଲ, ଏଗ୍ରିଜୋ ରାସ୍ତା ଦାରେଡ଼ି ସ୍ଥିତ ଟାଟା ମଣ୍ଡିପାଲ ମେଡ଼ିକାଲ କଲେଜ ପହଞ୍ଚିବେ ସେଇଠି ୩ଟା ୪୦ ମିନିଟ ପର୍ଯ୍ୟନ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ରହିବେ । ଟାଟା ମଣ୍ଡିପାଲର କୁଆ ଏକାଡ଼େମିକ କୁଟର ଭବନାରମ୍ଭ କରିବା ସହ ହଜିବାଲ ପ୍ରବଂଧନ ଦ୍ୱାରା ତିଆରି କରାଯାଇଥିବା 'ଦ୍ରୌପଦୀ ମୁର୍ମୁ ଜେମେଲକ୍ସ'ର ଭୂମି ପୂଜନ କାର୍ଯ୍ୟକ୍ରମରେ ଯୋଗ ଦେବେ ।

କଲେକଟୋରେଟ୍ ପୂର୍ବ ସିଂହଭୂମ, ଜାମସେଦପୁରକ ସଭାସ୍ଥଳରେ ଡେପୁଟି କମିସନର କର୍ଣ୍ଣ ସତ୍ୟଶ୍ରୀଙ୍କ କାର୍ଯ୍ୟାଳୟ ଠାରେ ହେଉଥିବା ସମୀକ୍ଷା ବୈଠକରେ ସୁରକ୍ଷା, ଯାତାୟାତ ରୁଟ ଚାର୍ଟ, ପାର୍କିଂ ଟିକିଟାଳୟ ବ୍ୟବସ୍ଥା, ଅଗ୍ନିଶ୍ମମ ବ୍ୟବସ୍ଥା, ସ୍ୱଚ୍ଛତା, ପ୍ରୋଟୋକଲ ଅନୁପାଳନ ବିଷୟ ସମ୍ବନ୍ଧିତ ବିଷୟ ଉପରେ ବିଶେଷ ସମୀକ୍ଷା କରାଯାଇ ଥିଲା । ଡି.ସି. ସତ୍ୟଶ୍ରୀ ନିର୍ଦ୍ଦେଶ ଦେଲେ ଯେ ସବୁକାମ ସମୟ ଅନୁସାରେ ଓ ବ୍ୟବସ୍ଥିତ ଭାବରେ ହେବା ଦରକାର । କାର୍ଯ୍ୟକ୍ରମ ସ୍ଥଳରେ ପ୍ରବେଶ ପତ୍ର, ସେଗୁଡ଼ିକର ସଂଖ୍ୟାପନ, ମିଡ଼ିଆ ପ୍ରବନ୍ଧନ, ଅତିଥି ସତ୍କାର ପ୍ରୋଟୋକଲ ଅନୁସାରେ ସବୁ କାମ ହେବା ଦରକାର । ସେ ସବୁ ବିଭାଗକୁ କହିଲେ, ରାଷ୍ଟ୍ରପତିଙ୍କ ଆମ ଜିଲ୍ଲାକୁ ଆସିବା ଏକ ସଜାନର ଉଥା । ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମ ପାଇଁ ସଜାନ ୧୧ଟାରୁ ସଂଧ୍ୟା ୫ଟା ପର୍ଯ୍ୟନ୍ତ ସହରରେ ନୋ ଏଂଟ୍ରି ଲାଗୁ ହୋଇଯିବ । ଭୂପୀତିହ ସ୍ଥିତ ଜେ.ପି. ବସ ଟର୍ମିନାଲକୁ ଯାଇଥିବା ଦୂରଗାମୀ ବସ ସବୁ ଚାଲିବ ନାହିଁ । ଅନ୍ୟ ଭିଆଇପି ଆଗମନରେ ଡୋକୋ (ସୋନାରୀ) ପୋଲର ଆରପଟୁ ବସ ସବୁ ଚଲାଯିବ, କିନ୍ତୁ ରାଷ୍ଟ୍ରପତିଙ୍କ ସହରରେ ରହିବା ପର୍ଯ୍ୟନ୍ତ ଏହି ବସ ରୁଟକୁ ପୁରାପୁରି ବନ୍ଦ ରଖାଯିବ, ଲମ୍ବା ଦୂରଗାମୀ ବସର ପରିଚାଳନା ଡିମନା ଛକ ଏବଂ ପାରିଡ଼ିହ ଛକଠାରୁ ପରିଚାଳିତ ହେବ । ଚାଇବାସ ଓ ଓଡ଼ିଶା ଯାଇଥିବା ବସ ସବୁ ସାଜିଟି ସ୍ଥିତି ଡୁବୁରୀ ପାର୍କ ଗେଟ କିମ୍ବା, ବିଷ୍ଣୁପୁର ଠାରୁ ବରାଜିବାର ବ୍ୟବସ୍ଥା କରାଯାଇଛି । ଦୁଷ୍ଟର ଦୀର୍ଘ ଛିଞ୍ଚି ବର୍ଷର ପରିଶ୍ରମ ପରେ ଦୁଇ ଏକର ଆଠ ପାଖାପାଖିତିନି ଏକର ଜମି କଦମଗ୍ରୁ ଖଡ଼ଗଡ଼ାର ଜଳକୂଳ ଗୋଳିନ ଡ୍ରାଇଭ ଠାରେ ସେଚେବେବନର ରାଜ୍ୟପାଳ ଦ୍ରୌପଦୀ ମୁର୍ମୁ, କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ମୁଖ୍ୟମନ୍ତ୍ରୀ ରଘୁବର ଦାସଙ୍କ ଯୋଗୁଁ ମାତ୍ର ଏକ ଟଙ୍କାରେ ମିଳିଛି । ଏସବୁ ପଛର ମହାଳାୟକ ଓ ଏଠାକାର ଓଡ଼ିଆ ମାନଙ୍କର ପ୍ରାଣସ୍ପନ୍ଦନ ସୁରେନ୍ଦ୍ର କୁମାର ବେହେରାଙ୍କ ପ୍ରୟାସର ଏହା ହେଉଛି ମାନସ ସନ୍ତାନ । ହାତରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ, ବିଭିନ୍ନ ସମସ୍ୟାକୁ ସମ୍ମୁଖୀନ କରି ଆଜି ଏ ସଂସ୍ଥା ମୁଣ୍ଡ ଟେକିବାକୁ ଯାଇଛି । ଏହି କାର୍ଯ୍ୟକ୍ରମରେ ୧୨ଶହରୁ ୧୫ଶହ ବ୍ୟକ୍ତି ବିଶେଷ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ପୁରୀରୁ ପ୍ରସାଦ ରନ୍ଧନ ପାଇଁ ପୁଜାରୀ ଆସିବାର ବ୍ୟବସ୍ଥା ହୋଇଛି । କାର୍ଯ୍ୟକ୍ରମରେ ଗୋମ, ପୂଜା, ନବରତ୍ନ ଓ ଅନ୍ୟାନ୍ୟ ବିଧି ବିଧାନରେ ଭୂମି ପୂଜନର ବ୍ୟବସ୍ଥା କରାଯାଇଛି । ପ୍ରାୟ ୧୦୦ କୋଟି ଟଙ୍କା ବ୍ୟୟରେ ଏହି ଦୁଷ୍ଟ ଗଠନ ହେବାକୁ ଯାଇଛି । ଏଥିରେ ଜଗନ୍ନାଥଙ୍କ ଛପରେ ବିଭିନ୍ନ ତଥ୍ୟ ସମ୍ବଳିତ ଚିତ୍ର ଓ ଚରିତ୍ର ସବୁ ଉତ୍କୀର୍ଣ୍ଣ ପାଇଁ ଉପଲବ୍ଧ ହେବ । କଲେଜ ଓ ୟୁନିଭରସିଟି ସ୍ତରେ ପିଲାମାନେ ଗୀତା, ମହାଭାରତ, ରାମାୟଣ ସହ ଜଗନ୍ନାଥ ତତ୍ତ୍ୱ ଛପରେ ଜ୍ଞାନ ଆହରଣ କରିବାର ବ୍ୟବସ୍ଥା କରାଯିବ ବୋଲି ଜଣାପଡ଼ିଛି ।

ଜାମସେଦପୁର ସହରର ଛାମୁଆ ଅନୁଷ୍ଠାନ ଉଜ୍ଜ୍ୱଳ ଆସୋସିଏସନ, ବାନ୍ଧବ କମିଟି ଗୋଲମୁରୀ ଉଜ୍ଜ୍ୱଳ ସମାଜ, ଆମ ଓଡ଼ିଶା ପରିବାର ଛାପ ବିଭିନ୍ନ ଜଗନ୍ନାଥ ମନ୍ଦିର, ଦୁର୍ଗାପୂଜା ଅନୁଷ୍ଠାନ, ସଂକୀର୍ତ୍ତନ ମଣ୍ଡଳୀ ଛଡ଼ା ପୁରା କୋଲ୍ହୁର ବା ପୂର୍ବ-ସିଂହଭୂମ, ପଶ୍ଚିମ-ସିଂହଭୂମ ଓ ଖଡ଼ଗେଲଜା-ଖରସୁଆଁ ଜିଲ୍ଲାର ବିଭିନ୍ନ ଓଡ଼ିଆ ଅନୁଷ୍ଠାନ ଛଡ଼ା ଅଣଓଡ଼ିଆ ଅନୁଷ୍ଠାନର ବଣ୍ଟି ବିଶେଷ, ବ୍ୟବସାୟିକ ଅନୁଷ୍ଠାନ ପରାଧିକାରୀଗଣ, ରାଜନୈତିକ, ଶିକ୍ଷାବିତ୍, ଡାକ୍ତର, ଓକିଲ, ନ୍ୟାୟାଧିଶ, ମହିଳା ଆଜି ଏଥିରେ ଯୋଗ ଦେବାର କାର୍ଯ୍ୟକ୍ରମ ରହି ଅଛି । ମଂଚରେ ରାଷ୍ଟ୍ରପତିଙ୍କ ସହିତ, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିଶିଷ୍ଟ ଶିକ୍ଷାବିଦ୍ୟାଗୀ ଶୁଭେନ୍ଦ୍ର କୁମାର ବେହେରା, ଟାଟା ଷ୍ଟିଲ ଏମ୍.ଡ଼ି, ଏମ.ପି. ଓ ବିଧାୟକ ରହିବାର କାର୍ଯ୍ୟକ୍ରମ ରହିଛି । ଉଜ୍ଜ୍ୱଳ ଆସୋସିଏସନର ଟ୍ରଷ୍ଟି ମନୋରଞ୍ଜନ ଦାଶ, ବିଭୁତି ଭୂଷଣ ପ୍ରଧାନ, ଡାଃ ସୀମାଂଚଳ ରାଉଳ, ସଭାପତି ଡାକ୍ତର ଶ୍ରୀଧର ପ୍ରଧାନ, ସମାଜସେବୀ ସଙ୍ଗୀତା ବେହେରା, ସାଧାରଣ ସଂପାଦକ ତରୁଣ ମହାନ୍ତି, ଉପସଭାପତି ବାଦଲ ଭୂୟାଁ ଓ ପ୍ରଫେସର ସଞ୍ଜୟ ପାତ୍ର, କୋଷାଧ୍ୟକ୍ଷ ମନୀଷ ଦାଶ, ଛପ ସଚିବ ବିଭୁତି ଭୂଷଣ ମହାନ୍ତି, ପ୍ରତିଭା ମହାନ୍ତି, ମନୋଜ ସାହୁ, ବିକାଶ ମିଶ୍ର, ମନୋରଞ୍ଜନ ଗୌଡ଼, ସୁଜାତା ସାହୁ, ସମ୍ବିତା ପାତ୍ର, ସୁଜାତା ଚୌଧୁରୀ, ଗୀତା ଗୌଡ଼, ବିଶିଷ୍ଟ ଆର୍କିଟେକ ଅବନିଶ ପ୍ରସାଦ ମିଶ୍ର, ଅଶୋକ ମହାପାତ୍ର, ସାଧନା, ସିଫନ ମହାନ୍ତି, ନିରୁପମା ସୃଷ୍ଟି, ଜେ.ପି.ଲେଙ୍କା, ମମତାପାତ୍ର, ସୁଖଶ୍ରୀ ମହାନ୍ତି, ସ୍ମିତା ମହାନ୍ତି, ମନୋରଞ୍ଜନ ପଣ୍ଡାୟକ, ନିରଞ୍ଜନ ନାୟକ, ଶୁଭଶ୍ରୀ ମହାନ୍ତି, କମଳା ରାଉତ, କମଳ ମହାପାତ୍ର, ମନୋରମା ମହାପାତ୍ର, ସୁଶୀଳା ଆଚାର୍ଯ୍ୟ, ନିବେଦିତା ଗୌଡ଼, ସରୋଜା, ମାମୁନୀ, ମିନତୀ ମହାପାତ୍ର, କୁମୁଦିନୀ ପ୍ରଧାନ, ସରୋଜ, ସୁନୀଲ, ସୁଲତ୍ତ, ବିଜୁଯ, ଚିତ ସାହୁ, ଶୀମେନ୍ଦ୍ର, ମନୋରଞ୍ଜନ, ସୁବ୍ରତ, ସୁନୀଲ, ବିଜାଶ, ହୟଶ୍ରୀ, ପ୍ରଶାନ୍ତ, ପବିତ୍ର, ଅଶୋକ, ମନୋରଞ୍ଜନ, କିଶୋର, ସଞ୍ଜୟ, ଅରୁଣ, ଜ୍ଞାନ, ପ୍ରସନ୍ନ ଓ ଦୁଷ୍ଟିଶେଣ୍ଡର ପରି ଓଡ଼ିଆମାନେ ଦିନରାତି କାମ କରିବାର ତତ୍ପରତା ଦେଖାଇ ଏ କାର୍ଯ୍ୟକ୍ରମ ସଫଳ କରିବାକୁ ଦିନରାତି ଚାଟି ଲାଗିଛନ୍ତି । ଝାଡ଼ଖଣ୍ଡରେ ଜଗନ୍ନାଥଙ୍କ ମନ୍ଦିର ନିର୍ମାଣ ପ୍ରବାସୀଙ୍କ ଦୀର୍ଘ ଦିନର ଏକ ସ୍ୱପ୍ନ ରହିଥିଲା ତାହା ପୂରଣ ହେବାକୁ ଯାଉଛି । ମହାପ୍ରଭୁ ଜଗନ୍ନାଥ ସମସ୍ତଙ୍କୁ କୃପା ଆଶୀର୍ବାଦ ପ୍ରଦାନ କରନ୍ତୁ ଏହା ହିଁ ପ୍ରାର୍ଥନା ।

ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଂଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର,
ଦୂରଭାଷ : ୭୪୮୮୯୯୮୫୩୨ / ୯୨୦୪୬୫୫୨୦୬୫

ପ୍ରଣୟ ପରମ ବେଦଃ

॥ ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥

ସତସଙ୍ଗ ପ୍ରାଣ ପୁରୁଷ ଭଗବାନ ଯୁଗପୁରୁଷୋତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ସୂକ୍ଷ୍ମ ଲିଖିତ ପବିତ୍ର ପୁସ୍ତକ ସତ୍ୟାନୁସରଣରେ କହିଛନ୍ତି - ଯେଉଁ ଖିଆଲ ବିବେକର ଅନୁରୋଧ ତାହା ହିଁ ଅନୁସରଣ କର, ମଜଜ ଅଧିକାରୀ ହେବ । ବିଦ୍ୟାଗରେ ଅସ୍ଥିତ୍ୱ ଦରାଖ, କିନ୍ତୁ ଲିଖିଆଥ ନାହିଁ । ବିଦ୍ୟାର ହିଁ ଜୀବନ, ବିଦ୍ୟାର ହିଁ ପ୍ରେମ । ଯେଉଁ କର୍ମ ମନର ପ୍ରସାରର ଅଭିବିଧ, ତାହା ହିଁ ସୁକର୍ମ, ଆଉ ଯେଉଁଥିରେ ମନର ସଂକୀର୍ଣ୍ଣ ହୁଏ ତାହା ହିଁ କୁକର୍ମ । ଯେଉଁ ସାଧନା କରିଲେ ହୃଦୟରେ ପ୍ରେମ ଆସେ ତାହା ହିଁ କର, ଆଉ ଯେଉଁଥିରେ କୁତର୍କ, କଚୋରତା, ହିଂସା ଆସେ ତାହା ଆପତତଃ ଲାଭଜନକ ହେଲେ ମଧ୍ୟ ତାହା ପାଖକୁ ଯାଅନାହିଁ । ତୁମେ ଯଦି ଏପରି ଶକ୍ତି ଲାଭ କରିଥାଅ ଯାହାଦ୍ୱାରା ଚନ୍ଦ୍ର-ସୂର୍ଯ୍ୟ କକ୍ଷଚ୍ୟୁତ କରିପାର, ପୃଥିବୀ ଭାଙ୍ଗି ଚୁରୁରା ଚୁରୁରା କରିପାର ବା ସମସ୍ତଙ୍କୁ ଐଶ୍ୱର୍ଯ୍ୟଶାଳୀ କରି ଦେଇପାର, କିନ୍ତୁ ଯଦି ହୃଦୟରେ ପ୍ରେମ ନଥାଏ, ତେବେ ତୁମର କିଛି ହି ହୋଇନାହିଁ । ଜୀବନକୁ ଯେଉଁ ଭାବରେ ବଳି ଦେବ ନିଶ୍ଚୟ ସେହିପରି ଜୀବନ ଲାଭ କରିବ । ଯେ କେହି ପ୍ରେମ ପାଇଁ ଜୀବନ ଦାନ କରେ, ସେ ପ୍ରେମର ଜୀବନ ଲାଭ କରେ । ଯଦି ପ୍ରେମ ଥାଏ, ତେବେ ଅପରକୁ ମୋର ବୋଲି ଭୁଲ କିଛୁ ସ୍ୱାର୍ଥ ରଖନାହିଁ ।

ଯିଏ ପ୍ରେମର ଅଧିକାରୀ, ନିଃସନ୍ଦେହ ତିଡରେ ତାଙ୍କରି ଅନୁସରଣ କର, ମଜଜର ଅଧିକାରୀ ହେବ ହିଁ ହେବ । ପ୍ରେମଜଳ, କିନ୍ତୁ ଆସଲ ହୁଅନାହିଁ, ଖୁଜ, ଭଲପଣ କିନ୍ତୁ ଦେହସୀମା ହୁଅ ନାହିଁ । ଜଗତରେ ମଣିଷ ଯେତେ ଯାହା ଦୁଃଖ ପାଏ ତାହାର ଅଧିକାଂଶ ହିଁ କାମିନୀ-କାଂଚନ ପ୍ରତି ଆସକ୍ତିରୁ ଆସେ ସେ ବୁଝିବା ପାଖରୁ ଯେତିକି ଦୂରେଇ ରହିବ ସେତିକି ମଙ୍ଗଳ । କାମିନୀ ଠାରୁ କାମ ବାଦ ଦେଲେ ହିଁ ସେ ମା' ହୋଇପଡ଼ନ୍ତି । ବିଶ୍ୱ ଅମୃତ ଭୋଗୁଲା । ଆଉ ମା' କେବଳ ମା' - କାମିନୀ ନୁହେଁ । ପ୍ରତ୍ୟେକଙ୍କର ମା' ହିଁ ଜଗଜ୍ଜନନୀ । ପ୍ରତ୍ୟେକ ଝିଅ ହିଁ ନିଜ ମା'ର ବିଭିନ୍ନ ରୂପ, ଏପରିରି ଭାବିବାକୁ ହୁଏ । ମାତୃଭାବ ହୃଦୟରେ ପ୍ରତିଷ୍ଠିତ ନ ହେଲେ ସ୍ତ୍ରୀ ଲୋକଙ୍କୁ ଛୁଇଁବା ଅନୁଚିତ - ଯେତେ ଦୂରେଇ ରହିପାର ସେତେ ଭଲ; ଏ

ଦୈନିକ
ଆରମ୍ଭ
SEITHO ARAMBHA

ମଙ୍ଗଳବାର, ୨୪ ଫେବୃୟାରୀ,୨୦୨୬ : ବାଲେଶ୍ୱର : ପୃଷ୍ଠା -୫

ବୋଡେନ ବ୍ଲକରେ ଅଭିଯୋଗ ଶୁଣାଣି ଶିବିରରେ ୩୫ ଅଭିଯୋଗର ନିରାକରଣ, ୧୧ ଜଣଙ୍କୁ ଜଙ୍ଗଲ ଅଧିକାର ପଟ୍ଟା ବଂଟନ

ନୂଆପଡା, ୨୩/୦୨ (ଆ.ପ୍ର) : ବୋଡେନ ବ୍ଲକରେ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ଅତିରିକ୍ତ ଜିଲ୍ଲାପାଳ ସୁଭାଷ ଚନ୍ଦ୍ର ରଉତଙ୍କ ସହ ବନଖଣ୍ଡ ଅଧିକାରୀ (ପ୍ରାଥମିକ) ଅଜିତ ଖାନ, ବନଖଣ୍ଡ ଅଧିକାରୀ (କେନ୍ଦୁପତ୍ର) କେ. ମାଧବୀଲତା, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧଡୁଆ, ଉପ ଜିଲ୍ଲାପାଳ ସୁମି ସୋରେନ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରଞ୍ଜିତ ନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ଧନେଶ୍ୱର ସେଠୀ ଓ ବୋଡେନ ପଂଚାୟତ ସମିତି ଅଧ୍ୟକ୍ଷା ପ୍ରେମଶିଳା ନାଗ ପ୍ରମୁଖ ଉପସ୍ଥିତ ଥିଲେ । ଆଜିର ଶିବିରରେ ୨୬ଟି ବ୍ୟକ୍ତିଗତ ଓ ୯ଟି ଗୋଷ୍ଠୀଗତ ମିଶି ମୋଟ ୩୫ଟି ଅଭିଯୋଗର ଶୁଣାଣି କରାଯାଇଥିଲା । ଅଭିଯୋଗଗୁଡିକର ତ୍ୱରିତ ସମାଧାନ ପାଇଁ ସମ୍ପୃକ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦିଆଯାଇଥିଲା । ଏହି ଅବସରରେ ୧୧ ଜଣ ହିତାଧିକାରୀଙ୍କୁ ବ୍ୟକ୍ତିଗତ ଜଙ୍ଗଲ ଅଧିକାର ସ୍ୱୀକୃତି ପଟ୍ଟା ବଂଟନ କରାଯାଇଥିଲା । ସାଲେପଡ଼ା ଗ୍ରାମର ଅଶୋକ ବଳ, ଭୁବନେଶ୍ୱର ବଳ, ଦୁର୍ଯ୍ୟୋଧନ ବଳ, ଜୟସିଂ ବଳ, ତୁରାବେଲ ମାଝୀ, ଦେବସିଂ ମାଝୀ ଓ ସୁକୁମ୍ଭାଟା ଗ୍ରାମର ଅଗସ୍ତି ରାମ ଚିନ୍ଦା, ଚରଣ ଚିନ୍ଦା, କ୍ଷତ୍ରୁ ଚିନ୍ଦା, ନିରାଜ ଚିନ୍ଦା ଓ ତିଳେଗାମ ଚିନ୍ଦାଙ୍କୁ ପଟ୍ଟା ପ୍ରଦାନ କରାଯାଇଥିଲା । ବୋଡେନ ବ୍ଲକ ପାଇଁ ମୋଟ ୧୭ଟି ବ୍ୟକ୍ତିଗତ ଜଙ୍ଗଲ ଅଧିକାର ପଟ୍ଟା ମଞ୍ଜୁର ହୋଇଥିବା ବେଳେ, ଆଜି ୧୧ଟି ପଟ୍ଟା ବଂଟନ ହେଲା । ବୋଡେନ ବିଡିଓ ସୁଶାନ୍ତ କୁମାର ରଣା ଓ ଡେପୁଟି କଲେକ୍ଟର ଚିନ୍ମୟ ସାଗର ଶିବିର ପରିଚାଳନାରେ ସହଯୋଗ କରିଥିଲେ । ସଭାରେ ସମସ୍ତ ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀ, ବିଭିନ୍ନ ବିଭାଗର ଯନ୍ତ୍ରୀ, କର୍ମଚାରୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ । ଶିବିର ଉପଲକ୍ଷେ ବ୍ଲକ ପରିସରରେ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର ଏବଂ ଆୟୁଷ୍ମାନ ଆରୋଗ୍ୟ ଶିବିର ଆୟୋଜିତ ହୋଇଥିଲା । ଏହାସହିତ ବାବେଦିର ଗ୍ରାମରେ ପ୍ରବାସୀ ଶ୍ରମିକ ସଚେତନତା ଶିବିର, 'ଝିଅ ପାଇଁ ଗଛ ଟିଏ', 'ଗର୍ଭସ୍ଥ ଶିଶୁ ପାଇଁ ଦିନ ଟିଏ', 'ପ୍ରାଣୀ ପାଇଁ ଦିନ ଟିଏ' ଓ ପୁଷ୍ଟିକର ମୁକ୍ତ ଅଭିଯାନ ସମ୍ବନ୍ଧୀୟ କାର୍ଯ୍ୟକ୍ରମମାନେ ମଧ୍ୟ ଅନୁଷ୍ଠିତ ହୋଇଥିଲା । ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ସ୍ୱତଃପ୍ରବୃତ୍ତ ପଶୁଚିକିତ୍ସା ପାଇଁ ଚିକିତ୍ସା ଶିବିର ମଧ୍ୟ ଆୟୋଜିତ ହୋଇଥିଲା ।

ଗୁଡିପଦରରେ ପଂଚାୟତସ୍ତରୀୟ ଅଭିଯୋଗ ଶୁଣାଣି

ପାଟପୁର, ୨୩/୦୨ (ଆ.ପ୍ର) : ଗଞ୍ଜାମ ଜିଲ୍ଲା ପାଟପୁର ବ୍ଲକ ସୀମାସ୍ଥ ଗୁଡିପଦର ଗ୍ରାମ ପଂଚାୟତ ଅନ୍ତର୍ଗତ ଭାରତ ନିର୍ମାଣ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ପରିସରରେ ସୋମବାର ଗ୍ରାମ ପଂଚାୟତ ସ୍ତରୀୟ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଆଜିର ଅଭିଯୋଗ ଶୁଣାଣୀ ଶିବିରରେ ପାଟପୁର ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିକାଶ କୁମାର ପ୍ରଧାନ, ରାଜସ୍ୱ ସୁପରଭାଇଜର ରାଜେଶ ବେହେରା, ସିଡ଼ିପିଓ ନମିତା ପଣ୍ଡା, ସରପଂଚ ଝାଲି ଶ୍ରୀଦେବୀ ସେଠୀ, ଜଳ ଯୋଗାଣ ଅଧିକାରୀ ରବର୍ତ ପ୍ରଧାନ, ସ୍ଥାନୀୟ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ମଂଚାସୀନ ଥିଲେ । ପାଟପୁର ବ୍ଲକର ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତି ରହି ପଂଚାୟତ ବାସିଙ୍କ ଅଭିଯୋଗ ଶୁଣିଥିଲେ । ଜନସାଧାରଣ ପାଇଁ ଅଭିଯୋଗ ଶୁଣାଣୀ ସ୍ଥଳରେ ସହାୟକ କେନ୍ଦ୍ର ଓ ଅଭିଯୋଗ ପଞ୍ଜିକରଣରେ ପାଟପୁର ବ୍ଲକ ସମସ୍ତ ପିଇଓ ଓ ଏଡିଓ ସହଯୋଗ କରିଥିଲେ । ଶିବିରରେ ରାସନ କାର୍ଡ, ପରିମନ, ମନରେଗା ଯୋଜନାରେ ଜବ କାର୍ଡ ଓ ଘରପଟ୍ଟା ଦିକ୍ଷୟରେ ମାତ୍ର ୧୧ ଗୋଟି ଅଭିଯୋଗର ଶୁଣାଣି ହୋଇଥିବା ବେଳେ ସେଥିରୁ ବ୍ୟକ୍ତିଗତ ୧୦ ଓ ଗୋଟିଏ ସାମୁହିକ ଅଭିଯୋଗ ପଞ୍ଜିକୃତ ହୋଇଥିଲା । ସେହିପରି ଆଜିର ଜନ ଶୁଣାଣୀ ଶିବିରରେ ଅଭିଯୋଗ ଶୁଣାଣି ପାଇଁ ବହୁ କର୍ମଚାରୀ ଉପସ୍ଥିତ ଥିଲେ କିନ୍ତୁ ଅଭିଯୋଗ କରିବା ପାଇଁ ଅଭିଯୋଗକାରୀଙ୍କ ଦେଖା ମିଳିନଥିଲା । ବୁଢିଟି ଗ୍ରାମକୁ ନେଇ ଗଠିତ ଗୁଡିପଦର ପଂଚାୟତରେ ବଡଗାମପୁର ଗ୍ରାମର ୯ ଗୋଟି ବ୍ୟକ୍ତିଗତ ଅଭିଯୋଗ ହୋଇଥିବା ବେଳେ ଗୁଡିପଦର ଗ୍ରାମର ବେଗନ ବୁଢଟି ଅଭିଯୋଗ ଆସିଥିବା ଦେଖିବାକୁ ମିଳିଛି । ଆଜିର ଅଭିଯୋଗ ଶୁଣାଣୀ ଶିବିରରେ ପୂର୍ବତନ ସରପଂଚ ତଥା ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ଝାଲ ମୋହନ ରାଓ, ପଂଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଜି ମୋହନ ରାଓ, ଯୋଗାଣ ସହାୟକ ଓ ସମସ୍ତ ଆଙ୍ଗନବାଡ଼ି କର୍ମୀ ସହଯୋଗ କରିଥିଲେ ।

ଛଟିଆ ହାଇସ୍କୁଲ ମାଟ୍ରିକ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଲେ ୨୩୦ଜଣ ପରୀକ୍ଷାର୍ଥୀ

ଛଟିଆ, ୨୩/୦୨ (ଆ.ପ୍ର) : ଆଜୁଆଲ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା କେନ୍ଦ୍ର ଛଟିଆରେ ତୃତୀୟ ଦିନରେ ଆର୍ଟ ଲାଙ୍ଗୁଏଜ ପେପର ପରୀକ୍ଷା ହୋଇଯାଇଅଛି । ଏଥିରେ ମୋଟ ୨୩୭ଜଣ ପରୀକ୍ଷାର୍ଥୀ ଫର୍ମ ଫିଲପ କରିଥିଲେ । ଏଏଚଏସସିରେ ୨୦୨୬ଜଣ ଓ ମଧ୍ୟମରେ ୩୫ଜଣ ଫର୍ମ ଫିଲପ କରିଥିଲେ । ଏଏଚଏସସିରେ ଫର୍ମ ଫିଲପ କରିଥିବା ସମସ୍ତ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ମଧ୍ୟମରେ ୭ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିଲେ । ମୋଟ ୨୮ଜଣ ପରୀକ୍ଷା ଦେଇଥିଲେ, ଏହି ପରୀକ୍ଷା କେନ୍ଦ୍ର ବୈରୀ, ସୋଲଡ, ନୂଆଗାଁ, ଶଶୀ ଦେବୀ ଗାର୍ଲସ ହାଇସ୍କୁଲ ଛଟିଆ ଓ କପିଳେଶ୍ୱରର ସଂସ୍କୃତ ଟୋଲ କପାଶିରିରେ ଛତ୍ରଛାତ୍ରୀମାନେ ଶନ୍ତି ଶୃଙ୍ଖଳାର ସହ ପରୀକ୍ଷା ଦେଇଛନ୍ତି, ଚୁଟାନ୍ତ ଶିସ୍ୟଭୂତ ସଂଗୀତା ରଥ ଝୁରିରି ଟେଣ୍ଡେଣ୍ଟ ଗାଡିନ୍ଦ୍ ବୁଲାଇଥିବା ବେଳେ ଶ୍ରୁଲା ମଣ୍ଡଳୀ ନଥ ଡେପୁଟି ସୁପରି ଟେଣ୍ଡେଣ୍ଟ ଗାଡିନ୍ଦ୍ ବୁଲାଇଥିବା ଦେଖିବାକୁ ମିଳିଛି ।

୭୫ଲିଟର ଦେଶୀ ମହୁଲି ମଦ ସହିତ ତିନି ଗିରଫ



ଟାଙ୍ଗୀ ଚୌଦ୍ୱାର, ୨୩/୦୨ (ଆ.ପ୍ର) : ଅବକାରୀ ସୁପରିଣ୍ଟେଣ୍ଡେଣ୍ଟଙ୍କ ନିର୍ଦ୍ଦେଶରେ ଚୌଦ୍ୱାର ଅବକାରୀ ଥାନା ତରଫରୁ ଚୌଦ୍ୱାର, ଆଗ୍ରାହାଟ, ମଙ୍ଗରାଜପୁର ଆଦି ବିଭିନ୍ନ ଅଂଚଳରେ ଚଢ଼ାଉ କରି ହାତତରାଶା ଦେଶୀ ମହୁଲି ମଦ ବିପୁଳ ପରିମାଣର ଜବତ୍ କରାଯାଇଛି । ଏହି ଚଢ଼ାଉରେ ୭୫ ଲିଟର ଦେଶୀ ମହୁଲି ମଦ ସହିତ ମାଲଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ଅବକାରୀ ଇନ୍‌ସପେକ୍ଟର କହିଛନ୍ତି । ଏହି ଚଢ଼ାଉରେ ଇନ୍‌ସପେକ୍ଟର ମାନସୀ ନାୟକ, ଚୌଦ୍ୱାର ଅବକାରୀ ଥାନାର ଜମଦାର ଭକ୍ତ ବହନ ବର୍ମା, ଆଶୁତୋଷ କେନା, ରାଜକୃଷ୍ଣ ବିଶ୍ୱାଳ, ଗୁଳିଲ ବଳ, ଲକ୍ଷ୍ମଣ, ଗାତାଞ୍ଜଳି ବେହେରା ପ୍ରମୁଖ ସାମିଲ ଥିଲେ । ଅଭିଯୁକ୍ତ ମାନଙ୍କ ବିରୁଦ୍ଧରେ ଅବକାରୀ ମାମଲା ରୁଜୁ କରାଯାଇଛି । ଅଭିଯୁକ୍ତ ମାନଙ୍କର ନାମ ଯଥା କ୍ରମେ ଚୌଦ୍ୱାର ବାଣପଦାର ଜଗନ ସାମଲ, ମଙ୍ଗରାଜପୁରର ଚନ୍ଦ୍ରେଖର ମହାନ୍ତି ଓ କମଳାର ସମାଲି ପୁଟି ବୋଲି ଜଣା ପଡ଼ିଛି ।

ବରିଷ୍ଠ ସାହିତ୍ୟିକ ଶରତ ମହାପାତ୍ର ପାଇଲେ ଆଦିକବି ସାରଳା ଦାସ ସାହିତ୍ୟ ସମ୍ମାନ

ଜଗତସିଂହପୁର, ୨୩/୦୨ (ଆ.ପ୍ର) : ପାରାଦୀପ ଅଫିସର୍ସ କ୍ଲବ ସଭାଗୃହରେ ଓଡିଶା ସାହିତ୍ୟ ଏକାଡେମୀ କ୍ଲବଙ୍କ ଏରସମାର ସାହିତ୍ୟାନୁଷ୍ଠାନ ମେଘ ମଲ୍ଲାରର ମିଳିତ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ସ୍ୱଜନ ଉତ୍ସବରେ ବରିଷ୍ଠ ସାହିତ୍ୟିକ ଶରତ ମହାପାତ୍ରଙ୍କୁ ଆଦିକବି ସାରଳା ଦାସ ସାହିତ୍ୟ ସମ୍ମାନରେ ସମ୍ମାନିତ କରାଯାଇଛି । ଉକ୍ତ ଉତ୍ସବକୁ ଜଗତସିଂହପୁର ସାଂସଦ ଡ଼ଃ ବିଜୁପ୍ରସାଦ ତରାଲ ଉଦଘାଟନ କରିଥିଲେ । ଉତ୍ସବରେ ଓଡିଶା ସାହିତ୍ୟ ଏକାଡେମୀର ସଚିବ ଡ଼ଃ ଚନ୍ଦ୍ରଶେଖର ହୋତା, ବରିଷ୍ଠ କବି ରଞ୍ଜିତା ନାୟକ, ସାହିତ୍ୟ ଏକାଡେମୀ ପୁରସ୍କୃତ କବି ପିତାମ୍ବର ତରାଲ, କବି ଉମାକାନ୍ତ ନାୟକ, ମୋନାଲିସାର ସମ୍ପାଦିକା ସଂଘମିତ୍ରା ସ୍ୱାଇଁ ପ୍ରମୁଖ ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିଲେ । ପ୍ରବୀଣ ଆଲୋଚକ ଏହା ପୂର୍ବରୁ ଶ୍ରୀ ମହାପାତ୍ରଙ୍କୁ ବିଭିନ୍ନ ସାହିତ୍ୟାନୁଷ୍ଠାନରୁ ସାହିତ୍ୟ ଗୌରବ, ସାହିତ୍ୟ ରତ୍ନ, ସାହିତ୍ୟ ସାରଥୀ, ସାହିତ୍ୟ ବାରିଧି, ବାଣୀକୁସୁମ ଓ ସାହିତ୍ୟ ଜ୍ୟୋତି ପ୍ରଭୃତି ସମ୍ମାନରେ ଆଭୂଷିତ । ଆଶାରୁ ଲର୍ଦ୍ଦ ପୁସ୍ତକ ଲେଖି ଓଡିଶା ସାହିତ୍ୟ ଭଣ୍ଡାରକୁ ସମୃଦ୍ଧି କରିବାରେ ସେ ଜଣେ ସାରଥୀ ସାବ୍ୟସ୍ତ ହୋଇଛନ୍ତି ।

ଡେପୁଟି ରେଂଜର ବିନୟ ବିଶିଙ୍କ ଉଚ୍ଚ ହାଇକୋର୍ଟ ବେଲ୍ ନେଇ ଆତ୍ମ ସର୍ମପଣ

ବାଲିଗୁଡା, ୨୩/୦୨ (ଆ.ପ୍ର) : ବେଆଇନ ଚର୍ଚ୍ଚିତ ବେଲଘର ହାତୀ ମୃତ୍ୟୁ ଘଟଣାର ଫେରାର ଥିବା ମୁଖ୍ୟ ଅଭିଯୁକ୍ତ ବେଲଘର ଡେପୁଟି ରେଂଜର ବିନୟ ବିଶି ଆଜି ହାଇକୋର୍ଟ ବେଲଦେଇ ଆତ୍ମ ସର୍ମପଣ । ପ୍ରକାଶ ଥାକିଲା ବୁଧବାର ଅଧିକାରୀ ଘନଶ୍ୟାମ ମାହାଂ ଙ୍କ ପାଖରେ ଆତ୍ମ ସର୍ମପଣ କରିଛନ୍ତି । ବୁଧବାର ଅଧିକାରୀଙ୍କ ସହିତ ଦେଖା କରିବା ପରେ ଜୁଡ଼ିସିବଦ୍ଧ କେ-ଏମ୍‌ଏଫସି କୋର୍ଟରେ ବିଚାରପତିଙ୍କ ପାଖରେ ହାଇକୋର୍ଟ ବେଲ ନେଇ ଆତ୍ମସର୍ମପଣକରିଥିଲେ ଏହାପରେ କମିନ ରେ ଗଲେ ଡେପୁଟିରେଂଜର । ଏହାପରେ ଡେପୁଟି ରେଂଜର ବର୍ତମାନ ଠାରୁ ତଦନ୍ତ ପକ୍ଷିପାରେ ସହାୟ କରିବେ । ସୂଚନା ଯୋଗ ଯେ ବାଲିଗୁଡା ବନଖଣ୍ଡ ଅଧିନରେ ଥିବା ବେଲଘର ବନଂଚଳରେ ଗତ ଜାନୁଆରୀ ୫ ତାରିଖରେ ଏକାହାତୀ ମୃତ୍ୟୁ ହୋଇଥିଲା । ଏହାକୁ ଲୁଚାଇବାକୁ ଯାଇ ବେଲଘର ଡେପୁଟି ରେଂଜର ମୃତ ହାତୀକୁ ପ୍ରଥମେ ଏକ ନର୍ସରୀ ମଧ୍ୟରେ ପୋତିଥିଲେ ଘଟଣାଟି ଜଣା ପଡିବା ପରେ ହାତୀକୁ ଖଣ୍ଡଖଣ୍ଡ କରି ଶରେକିମି ଦ୍ୱାରା କଳାଛାଣି ଜିଲ୍ଲାର ଜେରିଙ୍ଗା ପୋତିଥିଲେ । ଘଟଣାଟିର ସମ୍ପୂର୍ଣ୍ଣରୂପ ଧିରେଧିରେ ଜଣାପଡିଥିଲା । ବର୍ତମାନ ସୁଧା ୧୧ଜଣ ଗିରଫ ହୋଇଥିବା ବେଳେ ଏସିଏଫ ସୁର୍ଯ୍ୟକାନ୍ତ ବେରୋରା ଭୁଲ୍ ତଦନ୍ତ କରିଥିବାରୁ ନିଲମ୍ବିତ ହୋଇଛନ୍ତି ।

ବାଲୁଗାଁ ମହାବିଦ୍ୟାଳୟରେ କ୍ୟାରିଅର ପରାମର୍ଶ ତାଲିମ ଓ ଦକ୍ଷତା ବିକାଶ କାର୍ଯ୍ୟକ୍ରମ

ଚିଲିକା/ବାଣପୁର, ୨୩/୦୨ (ଆ.ପ୍ର) : ସ୍ନାତକ ପରବର୍ତୀ ଉଚ୍ଚ ଶିକ୍ଷା, ବୃତ୍ତିଗତ ପାଠ୍ୟକ୍ରମ, ଦକ୍ଷତା ବିକାଶ କାର୍ଯ୍ୟକ୍ରମ ସହିତ ଛାତ୍ର ଛାତ୍ରୀଙ୍କ ସଂଯୁକ୍ତ କରିବା ନିମିତ ଯୁବାଲଟେଡ଼ ସ୍କୁଲ ଅଫ ବିଜିନେସ ମ୍ୟାନେଜମେଂଟର ସହଯୋଗରେ ବାଲୁଗାଁ ମହାବିଦ୍ୟାଳୟ କ୍ୟାରିଅର ଜାଇନସେଲିଙ୍ଗ ସେଲ ପକ୍ଷରୁ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡକ୍ଟର କୈଳାସ ଚନ୍ଦ୍ର ମହାରଣା, ଅଧ୍ୟାପିକା କ୍ରିଷ୍ଣା ସେଠୀ, ଅଧ୍ୟାପିକା ସ୍ୱିଷ୍ଟାରାଣୀ ମୁଦୁଲି, ଅଧ୍ୟାପିକା ସୁଚିସ୍ମିତା ମହାପାତ୍ର ଓ ଅଧ୍ୟାପକ ବିମଳ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହାପରେ ଆମନ୍ତ୍ରିତ ବିଶେଷଜ୍ଞମାନେ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ପ୍ରତିଯୋଗିତା ପରୀକ୍ଷା ଓ ସାକ୍ଷାତକାର ପାଇଁ ଆବଶ୍ୟକ ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହାପରେ ୟୁ-ଏସବିଏମ ଅନୁଷ୍ଠାନ ପକ୍ଷରୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଲକ୍ଷ୍ମୀଧର ସୁଦୁଣ୍ଡି, ଯୁକ୍ତ ଦୁଇ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ସୁଦୁଣ୍ଡି, କାଇନସେଲିଙ୍ଗ ସେଲ ପରାମର୍ଶଦାତା ଅଧ୍ୟାପକ ଡକ୍ଟର କୈଳାସ ଚନ୍ଦ୍ର ମହାରଣା, ଅଧ୍ୟାପିକା କ୍ରିଷ୍ଣା ସେଠୀ, ଅଧ୍ୟାପିକା ସ୍ୱିଷ୍ଟାରାଣୀ ମୁଦୁଲି, ଅଧ୍ୟାପିକା ସୁଚିସ୍ମିତା ମହାପାତ୍ର ପରିଚାଳନା କରିଥିବା ବେଳେ ଅଧ୍ୟାପକ ମୃଦାନୀ ଶଙ୍କର ପ୍ରସାଦ ମିଶ୍ର, ଅଧ୍ୟାପିକା ଝରଣା ନାଥ,ଅଧ୍ୟାପିକା ଶୁଭଦର୍ଶିନୀ ବିଶ୍ୱାଳ ପ୍ରମୁଖ ସହାୟତା କରିଥିଲେ । ଏହି କାର୍ଯ୍ୟକ୍ରମରେ ଯୁକ୍ତ ତିନି ଶେଷ ବର୍ଷର ଶିକ୍ଷାର୍ଥୀମାନେ ଯୋଗ ଦେଇଥିଲେ । ଆଲୋଚନା, ବୁଦ୍ଧିଗତ ପ୍ରଶ୍ନ, କ୍ଷେତ୍ରରେ ଦକ୍ଷତା ଆଦି ଜ୍ଞାନ ସମ୍ପର୍କରେ ପାରସ୍ପରିକ ଆଲୋଚନା କରିବା ସହ ସାଧାରଣ ଶିକ୍ଷାପରେ ଏମବିଏ, ଏମବିଏ,ସହିତ ବିଭିନ୍ନ ବୃତ୍ତିଗତ ପାଠ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ଏଥିସହିତ ଏକ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ଧନ୍ୟବାଦ ପ୍ରଦାନ କରିଥିଲେ ସ୍ୱିଷ୍ଟାରାଣୀ ମୁଦୁଲି । କାର୍ଯ୍ୟକ୍ରମକୁ ଅଧ୍ୟାପିକା କ୍ରିଷ୍ଣା ସେଠୀ, ସ୍ୱିଷ୍ଟାରାଣୀ ମୁଦୁଲି, ସୁଚିସ୍ମିତା ମହାପାତ୍ର ପରିଚାଳନା କରିଥିବା ବେଳେ ଅଧ୍ୟାପକ ମୃଦାନୀ ଶଙ୍କର ପ୍ରସାଦ ମିଶ୍ର, ଅଧ୍ୟାପିକା ଝରଣା ନାଥ,ଅଧ୍ୟାପିକା ଶୁଭଦର୍ଶିନୀ ବିଶ୍ୱାଳ ପ୍ରମୁଖ ସହାୟତା କରିଥିଲେ । ଏହି କାର୍ଯ୍ୟକ୍ରମରେ ଯୁକ୍ତ ତିନି ଶେଷ ବର୍ଷର ଶିକ୍ଷାର୍ଥୀମାନେ ଯୋଗ ଦେଇଥିଲେ ।

ପର୍ଲା ମଣ୍ଡିରୁ ଉଠୁନି ଧାନ, ଚାଷୀ ଅସନ୍ତୋଷ



ଧର୍ମଗଡ଼, ୨୩/୦୨ (ଆ.ପ୍ର) : ଧର୍ମଗଡ଼ ବ୍ଲକ ପର୍ଲା ଜୟ ଜଗନ୍ନାଥ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା କିଣା ଯାଉଥିବା ଧାନ ମଣ୍ଡିରୁ ଧାନ ଉଠି ପାରୁ ନ ଥିବା ଅଭିଯୋଗ ହୋଇଛି । ଏପରେ ମଣ୍ଡି ସବୁ ବନ୍ଦ ହୋଇ ଆସୁଥିବା ବେଳେ ପର୍ଲା ମଣ୍ଡିରୁ ଧାନ ନ ଉଠିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ବର୍ତମାନ ୭୦ ଜଣ ଚାଷୀଙ୍କ ୩୧୧୮କୁଇଂଟାଲ ଧାନ ପାଇଁ ୮୫୨୩ ବସ୍ତା ଧାନ ପଜେଟ ମଣ୍ଡିରେ ପଡିରହିଥିବା ଚିତ୍ରର ନିହାର ନାୟକ ପ୍ରକାଶ କରିଛନ୍ତି । ଏନେଇ ବିଜେଡି ବ୍ଲକ ସଭାପତି ତାଳେଶ୍ୱର ଲଛଲଛଙ୍କ ନେତୃତ୍ୱରେ ଜିଲ୍ଲା ବିଜେଡି ସାଧାରଣ ସଂପାଦକ ଲବଣି ଯାଦବ, ପ୍ରମୋଦ ହଂସ ପର୍ଲା ମଣ୍ଡି ପରିଦର୍ଶନ କରି ତୁରନ୍ତ ମଣ୍ଡିରୁ ଧାନ ଉଠାଇବା ସହ ମିଲର ଠିକଣା ସମୟରେ ଗାଡି ପଠାଇବା ପାଇଁ ମିଲର୍ସ ମାଲିକ ସହ ଫୋନ କରିଥାଇରେ ଲଥା ହେଇଥିଲେ । ଏହି ମଣ୍ଡି ସମସ୍ୟା ନେଇ ଉପ ଜିଲ୍ଲାପାଳ, ଜିଲ୍ଲାପାଳଙ୍କୁ ଅଭିଯୋଗ କରାଯିବ ବୋଲି କହିଥିଲେ ଯଦି ପ୍ରଶାସନ ସମସ୍ୟାର ସମାଧାନ ନ କଲେ ଧର୍ମଗଡ଼ ବିଜେଡି ପକ୍ଷରୁ ଗଣଧାରଣା ଦିଆଯିବ ବୋଲି ବିଜେଡି ବ୍ଲକ ସଭାପତି ତାଳେଶ୍ୱର ଲଛଲଛ କହିଥିଲେ ।

ଶୀତ ଲୁଚିଲାଣି ଫରୁଆ ଭିତରେ, ଆମ୍ବ ବଉଳେ ବିଜେ ରାଜ ବସନ୍ତ

ବଣାଇଁ, ୨୩/୦୨ (ଆ.ପ୍ର) : ବର୍ଷକ ବାର ମାସ ଛଅ ଋତୁ । ଆଉ ଏହି ବସନ୍ତରେ ବଦଳି ଯାଇଛି ପ୍ରକୃତି । ଆଉ ଋତୁ ଚକ୍ର ପରିବର୍ତନରେ ଏବେ ଧରାପୃଷ୍ଠରେ ବିଜେ ଋତୁରାଜ ବସନ୍ତ । ଆଉ ଏହି ବସନ୍ତରେ ବଦଳି ଯାଇଛି ପ୍ରକୃତି । ପୁଲକିତ ହୋଇଛି ଧରଣୀ ରାଣୀ । ଆଦ୍ୟ ବସନ୍ତରୁ ଆମ୍ବଗଛରେ ଆସିଛି ଭରା ବଉଳ । ସୁକୁମାରୀ ବଉଳ ରାଣୀ । ସବୁଜ ଆମ୍ବଗଛକୁ ଆଲିଙ୍ଗିତ କରିଛି ବଉଳ ସେହା । ସବୁ ଗଛରେ ଫୁଲ ଫୁଟୁଥିବା ବେଳେ ଆମ୍ବଗଛ ଫୁଲକୁ ବଉଳ କୁହନ୍ତି । ଗଛର ବଳକରେ ଫୁଟୁ ଥିବାରୁ ଏହାର ନାମ ବଉଳ । ଆମ୍ବଗଛର ଶାଖା ପ୍ରଶାଖା ସବୁ କାଟିବେଳେ ମଧ୍ୟ ଗନ୍ଧି ବଳକରେ ବଉଳ ଫୁଟିଥାଏ । ଲୋକକଥା ଅଛି ଆମ୍ବ ବଉଳ ଫଗୁଣ ମାସେ-ଦିନ ଚଉରେଇ ତାର ସୂଚାଏ । ବଉଳର ମହକରେ ମଣିଷର ମନ ମାତିଯାଏ । ଘରେ ଘରେ ଗାଈଶା ପିଠା କରାଯାଇ ଆମ୍ବଗଛ ମୂଳେ ଭୋଗ କରି ପୋଡିଲେ ବଉଳ ଝଡିନଥାଏ ଏବଂ ଆମ୍ବ ଅଧିକ ଆସିଥାଏ ବୋଲି ବିଶ୍ୱାସ ରହିଛି । କୁମାରୀ ଝିଅମାନେ ଆବାହ୍ୟ ଯୌବନରେ ବଉଳ ଖୁଆଖୋଲ ହୋଇ ବଉଳ ସାଙ୍ଗ ହୋଇଥାନ୍ତି । ଆଉ ନାମ ଧରି ଡଙ୍ଗାଡକି ହୁଅନ୍ତି ନାହିଁ । ବୃକ୍ଷରୁ ପୂଜା କରିବା ପରମ୍ପରା ଭଲ୍‌ନରେ ରହିଛି । ବ

ଦୈନିକ
ଆରମ୍ଭ
SEITHO ARAMBHA
ମଙ୍ଗଳବାର, ୨୪ ଫେବୃୟାରୀ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୬

ଈଶାଣୀ ବୈଶାଖୀ ମହୋତ୍ସବ, ବାସନ୍ତୀ ପୂଜା ଓ ବିଶାଳ ଉଡ଼ାଯାତ୍ରା ହେବ କେଉଁଠି ? ସଂକଟରେ ଲବଣ ସତ୍ୟାଗ୍ରହ ସ୍ମାରକୀ ମିନି ଷ୍ଟାଡିୟମ

ବାଲେଶ୍ୱର, ୨୩/୦୨ (ଆ.ପ୍ର) : ଐତିହାସିକ ଈଶାଣୀ ପଡ଼ିଆର ଆୟୋଜନ ହୋଇଆସୁଥିବା ବୈଶାଖୀ ମହୋତ୍ସବ – ମା' ବାସନ୍ତୀ ପୂଜା ଏବଂ ବିଶାଳ ଉଡ଼ାଯାତ୍ରା ପାଇଁ ବାଲେଶ୍ୱର ସମୁଦ୍ର ଉପକୂଳବର୍ତ୍ତୀ ପ୍ରାୟ ପଚାଶଖଣ୍ଡ ଗାଁର ଜନଗଣଙ୍କ ପାଇଁ ଏକ ସ୍ୱରୀୟ ଭକ୍ତିର ବିଶ୍ୱାସ ଲାଭରେ ପରିଚିତ । ଏହା ଆଂଚଳିକ ଅନୁଗ୍ରହୀ ଭକ୍ତିପୂତ ବ୍ୟକ୍ତିବିଶେଷମାନଙ୍କ ସମାବେଶରେ ଏକ ସ୍ୱତନ୍ତ୍ର ରୂପ ଧରେ । ଈଶାଣୀ ବୈଶାଖୀ ମହୋତ୍ସବ ଆବାହକ କମିଟିର ସାଧାରଣ ସଂପାଦକ ଲାଭବତ ସାହୁଙ୍କ ଆହ୍ୱାନରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ 'ମା' ବାସନ୍ତୀ ସାର୍ବଜନୀନ ମଣ୍ଡପ' ପରିସରରେ ଅନୁଷ୍ଠିତ ହୋଇଯାଇଛି । ସଂଗଠନର ସଭାପତି ବରିଷ୍ଠ ଆଡ଼ୱୋକେଟ୍ ଅଶୋକ କୁମାର ସେନାପତିଙ୍କ ସୌରୋହିତ୍ୟରେ ସବୁବର୍ଷପରି ଏପ୍ରିଲ୍ ୧୦ ତାରିଖରୁ ୧୪ ତାରିଖ ପାଞ୍ଚଦିନିଆ ବହୁବିଧ ସାଂସ୍କୃତିକ ରାଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହ, ଦୂରଦୂରାନ୍ତି ପାଇଁ ଯାତ୍ରା, ବିଦ୍ୟାଳୟ ପିଲାମାନଙ୍କ ତଥା ମହିଳାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହେବା ସହ ଶତାଧିକ ବିଭିନ୍ନ ଷ୍ଟଲ୍-ବିପଣୀ ଓ ଶ୍ରମବୋଳି ଆଦି ହରେକ ପ୍ରକାର ମନୋରଞ୍ଜନକାରୀ ଆଲୋକ-ଆଳୟଣ, ଅତ୍ୟାଧୁନିକ ଏଲଇଡି ମାଧ୍ୟମର ରହିବାର ଆପାତତଃ ନିଷ୍ପତ୍ତି ନିଆଯାଇଛି । ପ୍ରକାଶ ଥାଉକି ଏତାଦୃଶ ବିଶାଳ ପଡ଼ିଆର 'ଲବଣ ସତ୍ୟାଗ୍ରହ ମିନି ଷ୍ଟାଡ଼ିୟମ୍' ବୁଜାମାସରୁ ଊର୍ଦ୍ଧ୍ୱ କାନ ଧରି ପଡ଼ିଆର ପ୍ରବେଶ ପଥକୁ ତାଲା ଲଗାଯାଇ ଦିବସବ୍ୟାପୀ ଗୋଟୁଗାଈମାନଙ୍କର ସୁରକ୍ଷିତ ଆଶ୍ରୟସ୍ଥଳ, ପିଲାମାନଙ୍କର ନିର୍ଭୟମତିତ ଖେଳାଖେଳିରୁ ବଂଚିତ ଜଲାଇବାର ଦୃଶ୍ୟ ଅତ୍ୟନ୍ତ ଦୁର୍ଭାଗ୍ୟଜନକ – ଯେଉଁ ଘଟଣାକୁ ସର୍ବସାଧାରଣରେ ତୀବ୍ର ନିନ୍ଦା କରାଯାଇଛି ।

ଉପସ୍ଥିତ ସଦସ୍ୟମାନଙ୍କ ମନରେ ଅପରିଣାମଧର୍ମୀ ପଦକ୍ଷେପ ବିରୁଦ୍ଧରେ ଜିଲ୍ଲାର ବିଜ୍ଞାଗୀୟ ଅଧିକାରୀ, ସବର ଚୋଷ୍ଟା ଜନ୍ମୟନ ଅଧିକାରୀ ପ୍ରମୁଖଙ୍କ ଦୃଷ୍ଟି ଆକର୍ଷଣ କରାଇ ଆଗାମୀ ଇଡ଼ାଯାତ୍ରା, ବାସନ୍ତୀପୂଜା ଓ ବୈଶାଖୀ ମହୋତ୍ସବର ପାରମ୍ପରିକ କାର୍ଯ୍ୟକ୍ରମ ଯଥାଯଥ ସୁଚାରୁ ସଂପାଦନ ପାଇଁ ସର୍ବସମ୍ମତିମତେ ଦାବି ଉପସ୍ଥାପନ ହୋଇଛି । ଉପସ୍ଥିତ ସଦସ୍ୟମାନଙ୍କ ମଧ୍ୟରେ ଉପସଭାପତି କବି ଶ୍ରୀଦେବ, ନରେନ୍ଦ୍ର ଦାସ, ଚଂଚଳ ବର୍ଦ୍ଧନ, ହିମାଂଶୁ ପରିଡ଼ା, ଦୀନବନ୍ଧୁ ବେହେରା, ଜନାର୍ଦ୍ଦନ ବିଶ୍ୱାଶୀ, ପ୍ରଫୁଲ୍ଲ ନାୟକ, ସାରିକା କର, ଆଚ୍ଚ, ଦାମ୍ପ୍ରେତ୍ର ରାୟ, ନରେନ୍ଦ୍ର ବାରିକ, ରମେଶ ବେହେରା, ରବୀନ୍ଦ୍ର ମହୁଆନ, ସନାତନ ବେହେରା, ମହେନ୍ଦ୍ର ମହାଜିନ, ମନ୍ମଥ ମାଝୀ (ନାଏବ ସରପଞ୍ଚ), ବାବୁ ଦାସ, କାଳୁଚରଣ ଦାସ, ମନୋଜ ଦାସ, ସାର୍ଥକ ସାହୁ, ଶଶିଭାନୁ ସିଂ ପ୍ରମୁଖ ଏହାର ଆଶୁ ସମାଧାନ କରାନଗଲେ ଆଗାମୀ ସପ୍ତାହ/ଦ୍ୱିସପ୍ତାହରେ ଜନସାଧାରଣଙ୍କ ଅସନ୍ତୋଷ ସଂଗଠିତ ଆନ୍ଦୋଳନକୁ ଏଡ଼ାଯାଇନପାରେ ବୋଲି ସୂଚନା ରଖିଛନ୍ତି ।

ଯାଜପୁରର ଇଟା ଭାଟିରୁ ୧୪ ଜଣ ନାବାଳକଙ୍କ ସମେତ ୨୯ ଜଣ ବନ୍ଧକ ଶ୍ରମିକଙ୍କୁ ଉଦ୍ଧାର

ଯାଜପୁର, ୨୩/୦୨ (ଆ.ପ୍ର) : ବନ୍ଧକ ଶ୍ରମ ବିରୁଦ୍ଧରେ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଯାଜପୁର ଜିଲ୍ଲା ପ୍ରଶାସନ ବୁଧବାର ଦିନ ବ୍ୟାସନଗର ତହସିଲ ଏବଂ ବୋରାଇ ପୋଲିସ ସୀମା ଅନ୍ତର୍ଗତ ବେଣାପୁର ଗ୍ରାମର ଜଗନ୍ନାଥ ଫୁଏ ଆର୍ ଗମ ଭାଟିରୁ ୧୪ ଜଣ ଶିଶୁଙ୍କ ସମେତ ୨୯ ଜଣ ବନ୍ଧକ ଶ୍ରମିକଙ୍କୁ ଉଦ୍ଧାର କରିଛି । ଶ୍ରମିକମାନଙ୍କଠାରୁ ମିଳିଥିବା ଅଭିଯୋଗ ପରେ ଉଦ୍ଧାର କାର୍ଯ୍ୟ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ କରାଯାଇଥିଲା । ଏହି ମିଳିତ ଦଳରେ ବ୍ୟାସନଗର ତହସିଲଦାର, ବୋରାଇ ଥାନାର ଭାରପ୍ରାପ୍ତ ଇନ୍‌ସପେକ୍ଟର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସହକାରୀ ଶ୍ରମ ଅଧିକାରୀ, ଶିଶୁ ସହାୟତା ୟୁନିଟ ଏବଂ ସାମାଜିକ ସଂଗଠନର ପ୍ରତିନିଧିମାନେ ସାମିଲ ଥିଲେ । ଏହି ଅଭିଯାନ ଅତିରିକ୍ତ ଜିଲ୍ଲାପାଳ ସୁଧୁଶ୍ରୀର ନାୟକଙ୍କ ତତ୍ତ୍ୱାବଧାନରେ କରାଯାଇଥିଲା । ଅଧିକାରୀଙ୍କ ଅନୁଯାୟୀ, ଉଦ୍ଧାର ଶ୍ରମିକମାନେ ପଡ଼ୋଶୀ ଜିଲ୍ଲାର ଏବଂ ଏକ ଅତ୍ୟନ୍ତ ଅସୁରକ୍ଷିତ ଆଦିବାସୀ ସମ୍ପ୍ରଦାୟର । ପ୍ରାୟ ଦୁଇ ବର୍ଷ ପୂର୍ବେ ସେମାନଙ୍କୁ ଭତମ ମଜୁରୀ ଏବଂ ନିଯୁକ୍ତିର ପ୍ରତିଶ୍ରୁତି ଦେଇ ଲଟା ଭାଟିକୁ ପ୍ରଲୋଭିତ କରାଯାଇଥିଲା ବୋଲି ଅଭିଯୋଗ ହୋଇଛି । ପ୍ରତ୍ୟେକ ପରିବାରକୁ ୧୦ ଜିଲୋ ଚାଉଳ ସହିତ ୫୦୦ ରୁ ୧,୦୦୦ ମୂଲ୍ୟର ନାମମାତ୍ର ଅଗ୍ରୀମ ଦିଆଯାଇଥିଲା । କିନ୍ତୁ, ପ୍ରତିଶ୍ରୁତି ଅନୁଯାୟୀ ମଜୁରୀ ଦିଆଯାଇ ନଥିଲା । ଏହା ବଦଳରେ, ଭାଟି ମାଲିକ କୌଣସି ମଜୁରୀ କିମ୍ବା କାମର ରେକର୍ଡ ନ ରଖି ନିଜ ଦୋକାନ ମାଧ୍ୟମରେ ଅନିୟମିତ ରାସନ ଯୋଗାଇଥିବା କଣାପଡ଼ିଛି, ଯାହା ପରିବାରଗୁଡ଼ିକୁ ନିର୍ଭରଶୀଳତାର ଚକ୍ରରେ ଫସି ରଖିଥିଲା । ଶ୍ରମିକମାନଙ୍କଠାରୁ ସେହି ସ୍ଥାନରେ ଯୋଗାଇ ଦିଆଯାଇଥିବା ଅସ୍ଥାୟୀ ବାସସ୍ଥାନ ପାଇଁ ଭଡା ମଧ୍ୟ ଆଦାୟ କରାଯାଇଥିଲା, ଯାହା ସେମାନଙ୍କର ଉପାର୍ଜନକୁ ଆହୁରି ବୃଦ୍ଧି କରିଥିଲା । ତଦନ୍ତ ସମୟରେ, ଶ୍ରମିକମାନେ କହିଥିଲେ ଯେ ସେମାନଙ୍କୁ ପର୍ବପର୍ବାଣୀ, ପାରିବାରିକ ଜରୁରୀକାଳୀନ ପରିସ୍ଥିତି କିମ୍ବା ବ୍ୟକ୍ତିଗତ ଆବଶ୍ୟକତା ପାଇଁ ସେମାନଙ୍କ ଜନ୍ମସ୍ଥାନକୁ ଫେରିବାକୁ ଅନୁମତି ଦିଆଗଲା ନାହିଁ । ସେମାନେ ଅଗ୍ରୀମ ରାଶି ପରିଶୋଧ କରି ନଥିବା କାରଣରୁ ସେମାନଙ୍କୁ ବିଜଙ୍କ ନିଯୁକ୍ତି ଖୋଜିବାକୁ ମଧ୍ୟ ନିଷେଧ କରାଯାଇଥିଲା । ପିଲାମାନଙ୍କୁ କମ୍ କିମ୍ବା କୌଣସି ପାରିଶ୍ରମିକ ସହିତ ଦୀର୍ଘ ସମୟ ପର୍ଯ୍ୟନ୍ତ କାମ କରିବାକୁ ବାଧ୍ୟ କରାଯାଇଥିଲା, ଯାହା ଶିଶୁ ଅଧିକାର ଏବଂ ଶ୍ରମ ଆଇନର ଗମ୍ଭୀର ଉଲ୍ଲଙ୍ଘନ କରୁଛି ।

ଗାଇଡେଗା ଗାଁର ବିଷାକ୍ତ ଭବିଷ୍ୟତ, ଗାଁ ନଳକୂଅରୁ ବାହାରୁଛି ହଳଦିଆ ପାଣି

ବଣାଇଁ, ୨୩/୦୨ (ଆ.ପ୍ର) : ମାନବ ସଭ୍ୟତାର ସବୁଠାରୁ ବଡ଼ ଦୃଶ୍ୟଖଣ୍ଡ ଘଟଣା ମଧ୍ୟରୁ ଗୋଟିଏ ହେଉଛି ପାଣି ସମସ୍ୟା । ଯଦି ଏହି ସମସ୍ୟା ଜଟିଳ ହୋଇପଡେ ସେତେବେଳେ ପ୍ରଥମେ ମାନବ ଜୀବନ ବଳି ପଡ଼ିଯାଏ । ସୁସ୍ଥ ଓ ସୁନ୍ଦର ସମାଜ ଗଠନ କରିବା ପାଇଁ ସରକାର ଯୋଜନା ଉପରେ ଯୋଜନା କରି ଚାଲିଛନ୍ତି ହେଲେ ପ୍ରକୃତରେ ସମସ୍ତେ ସେହି ଯୋଜନାର ଲାଭ ପାଉଛନ୍ତି କି ନାହିଁ ତାର ହିସାବ ପ୍ରାୟ କାହାରି ପାଖରେ ନାହିଁ । ତେବେ ଏମିତି ଅନେକ ଗାଁ ରହିଛି ଯେଉଁଠି ସରକାରଙ୍କ ଯୋଜନା ପହଁଚି ପାରୁନି, ଯାହା ଫଳରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଅନେକ ଲୋକେ । ଏମିତି ଏକ ଗାଆଁ ର ଦୃଶ୍ୟ ନଦେଖିଲେ ବିଶ୍ୱାସ କରିବେନି ନଳକୂଅରୁ ବାହାରୁଛି ହଳଦିଆ ପାଣି, ଆଉ ସେଇ ପାଣିକୁ ନେଇ ପିଉଛନ୍ତି ଦୈନନ୍ଦିନ କାମରେ ମଧ୍ୟ ବ୍ୟବହାର କରୁଛନ୍ତି, ଏ ନେଇ ଗାଁ ଲୋକ କହିଛନ୍ତି କହିକହି ଥକି ଗଲୁ କେହି ଶୁଣୁ ନାହାନ୍ତି, ଏନେଇ ବିଜ୍ଞାଗୀୟ କେଉ କହିଛନ୍ତି ସେଠାରେ ଆଉ ଗୋଟିଏ ନଳକୂଅ ଦିଆଯିବ । ଏ ଦୃଶ୍ୟ ହେଉଛି ଗୁରୁଣ୍ଡିଆ ବ୍ଲକର ଗାଇଡେଗା ଗ୍ରାମର । ଭଲ ପାଣି ବିଜେ କିପରି ପାଇବେ ସରକାରଙ୍କ କେଉଁଠି ସୋଲର ଯୋଜନା ତ କେଉଁଠି ମୋଗା ପ୍ରୋଜେକ୍ଟ କିମ୍ବୁ ଗୁରୁଣ୍ଡିଆ ବ୍ଲକର ଗାଇଡେଗା ଗାଁର ୪୦ରୁ ଊର୍ଦ୍ଧ୍ୱ ପରିବାର ଦୀର୍ଘ ୫ବର୍ଷ ହେବ ପିଉଛନ୍ତି ହଳଦିଆ ଗୋଳିଆ ପାଣି, ସେଇ ପାଣିକୁ ନେଇ ଦୀର୍ଘ ସମୟ ଘରେ ରଖିଲା ପରେ ପିଉଛନ୍ତି ରୋଷେଇ କରୁଛନ୍ତି, ବ୍ୟବହାର କରୁଛନ୍ତି,ଦୂଷିତ ପାଣି ଏବଂ ଅସୁସ୍ଥ ଶରୀର ପାଇଁ ଚିନ୍ତା ଘାରିଛି ଗ୍ରାମବାସୀ ମନରେ । ଏହା କେବଳ ଏକ ସମସ୍ୟା ନୁହେଁ, ବରଂ ମାନବତାର ପ୍ରଶ୍ନ । ଏକ ବିଷାକ୍ତ ଭବିଷ୍ୟତ ପାଇଁ ଦାୟୀ କିଏ ? ଏନେଇ ପଂଚାୟତ ଠାରୁ ବ୍ଲକ ପର୍ଯ୍ୟନ୍ତ ଗୁହାରି କରି ସାରିଲା ପରେ ମଧ୍ୟ କାହାର ନିଦ୍ରା ନାହିଁ, ଏହାର ସ୍ଥାୟୀ ସମାଧାନ କିମ୍ବା ତୁରନ୍ତ ମରାମତି କରି ଆମକୁ ଭଲ ପାଣି ଦେବାକୁ ଦାବି କରିଛନ୍ତି ଗ୍ରାମ ବାସୀ ।

ପୁରୀ ପୋଲିସ ଦ୍ୱାରା ରାସ୍ତାରୁ ଅବ୍ୟବହୃତ ଯାନବାହନ ସ୍ଥାନାନ୍ତର

ପୁରୀ, ୨୩/୦୨ (ଆ.ପ୍ର) : ପୁରୀ ସହରରେ ଯାତାୟାତ ବ୍ୟବସ୍ଥାକୁ ସୁଚାରୁ ଓ ସୁଗମ କରିବା ଉଦ୍ଦେଶ୍ୟ ରେ ପୁରୀ ପୋଲିସ ପକ୍ଷରୁ ଏକ ବିଶେଷ ଅଭିଯାନ ଆରମ୍ଭ ହୋଇଛି । ସହରର ବିଭିନ୍ନ ସର୍ବସାଧାରଣ ରାସ୍ତା, ଛକ, ବଜାର ଅଂଚଳରେ ଦୀର୍ଘ ସମୟ ଧରି ପାର୍କ କରି ରଖାଯାଇଥିବା ସୁରୁଣା ଓ ଅବ୍ୟବହୃତ ଯାନବାହନ ଗୁଡ଼ିକ ଯାତାୟାତ ରାସ୍ତା ଜାମର ମୁଖ୍ୟ କାରଣ ହୋଇଯାଇଥିବା ପ୍ରତ୍ୟକ୍ଷ ହେଉଥିଲା । ଏହାକୁ ଦୃଷ୍ଟିରେ ରଖି ପୁରୀ ଟ୍ରାଫିକ ଥାନା ପକ୍ଷରୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଆଜିର ଅଭିଯାନରେ ସାର୍ବଜନିକ ରାସ୍ତାରେ ଦୀର୍ଘ ସମୟ ଧରି ରହିଥିବା ମୋଟ ୨୬ଟି ଯାନବାହନ ସେହି ସ୍ଥାନରୁ ହଟାଯାଇଛି । ଏହି ଯାନଗୁଡ଼ିକ ମଧ୍ୟରୁ କିଛି ଯାନ ଅଚଳ ଅବସ୍ଥାରେ ଥିବା ସହିତ କିଛି ଯାନ ମାଲିକଙ୍କ ଅବହେଳାରେ ରାସ୍ତାରେ ରଖାଯାଇଥିଲା, ଯାହା ଫଳରେ ସାଧାରଣ ଲୋକମାନଙ୍କ ଯାତାୟାତରେ ବାଧା ସୃଷ୍ଟି ହେଉଥିଲା । ପୁରୀ ସହର ଧାର୍ମିକ ଓ ପର୍ଯ୍ୟଟନ ଦୃଷ୍ଟିରୁ ଅତ୍ୟନ୍ତ ସଂବେଦନଶୀଳ ଅଂଚଳ । ବିଶେଷକରି ଶ୍ରୀମନ୍ଦିର ପରିସର ଓ ସମ୍ପୃକ୍ତତ ଅଂଚଳରେ ଦିନକୁ ଦିନ ଭିଡ଼ ବୃଦ୍ଧି ପାଉଛି । ଏପରି ପରିସ୍ଥିତିରେ ରାସ୍ତା ପାର୍ଶ୍ୱରେ ଅବ୍ୟବସ୍ଥିତ ଭାବରେ ଯାନ ରଖାଯାଇଥିବାରୁ ଆମ୍ବୁଲାନ୍ସ ସେବା ଯଥା ଆମ୍ବୁଲାନ୍ସ, ଅଗ୍ନିଶମ ବାହିନୀର ଚଳାଚଳରେ ବି ଅସୁବିଧା ସୃଷ୍ଟି ହେଉଥିଲା । ସେଥିପାଇଁ ଏହି ପ୍ରକାର ଅଭିଯାନ ଆଗାମୀ ଦିନରେ ମଧ୍ୟ ଜାରି ରହିବ । ଏହି ଅଭିଯାନଟି ଏହି ପୁରୀ ପ୍ରତୀକ ସିଂହଙ୍କ ନିର୍ଦ୍ଦେଶକ୍ରମେ ଚାଲାଯାଇଥିଲା । ତାଙ୍କ ନିର୍ଦ୍ଦେଶ ଅନୁସାରେ ସହରରେ ଯାତାୟାତ ବ୍ୟବସ୍ଥାକୁ ସୁଚାରୁ କରିବା, ରାସ୍ତା ଜାମ ହ୍ରାସ କରିବା ଓ ସାଧାରଣ ଲୋକଙ୍କ ସୁବିଧା ସୁନିଶ୍ଚିତ କରିବା ପାଇଁ ଟ୍ରାଫିକ ପୋଲିସ ଦ୍ୱାରା ନିୟମିତ ଯାଂଚ ଓ ଅଭିଯାନ ଚାଲିଥିବାରୁ ଆଗାମୀ ଦିନରେ ଏହାକୁ ଆହୁରି ଜୋରଦାର କରାଯିବ । ପୁରୀ ସହରର ଯେକୌଣସି ଅଂଚଳରେ ଯଦି କୌଣସି ନାଗରିକ ଦୀର୍ଘ ସମୟ ଧରି ତାଙ୍କର ଯାନବାହନ ସାର୍ବଜନିକ ରାସ୍ତାରେ ପାର୍କ କରି ରଖିଥାନ୍ତି, ତେବେ ବଯାଇରି ତତ୍ସମ୍ବନ୍ଧରେ ସେହି ଯାନକୁ ସ୍ୱଚ୍ଛାନ୍ତରେ ହଟାଇ ନେବାକୁ ଅନୁରୋଧ କରାଯାଇଛି । ନହେଲେ ଆଇନୁତିତ କାର୍ଯ୍ୟାନୁଷ୍ଠାନ କରାଯିବ । ଏହା ସମ୍ବନ୍ଧରେ ଯଦି କୌଣସି ଯାନମାଲିକଙ୍କୁ ସୂଚନା ଦେବେ ଟ୍ରାଫିକ ଥାନା ସହିତ ସମ୍ପର୍କ କରିପାରିବେ କିମ୍ବା ମୋବାଇଲ ନମ୍ବର ୯୪୩୩୯୧୬୩୩୮୮ ରେ ଯୋଗାଯୋଗ କରିପାରିବେ । ସହରରେ ସୁଚାରୁ ଯାତାୟାତ ବ୍ୟବସ୍ଥା ପାଇଁ ସମସ୍ତେ ସହଯୋଗ କରନ୍ତୁ ଓ ସାର୍ବଜନିକ ସ୍ଥାନରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଗାଡି ପାର୍କ କରି ନ ରଖୁ ପାଇଁ ପୁରୀ ପୋଲିସ ପ୍ରଶାସନ ତରଫରୁ ସମସ୍ତଙ୍କୁ ନିବେଦନ କରାଯାଇଛି ।

ଏଏନ୍‌ଏମ୍ ଆବସିକ ଗୃହକୁ ଜଳ ସଂଯୋଗ ପ୍ରସଙ୍ଗ ଶୁଳ୍କ ଦାଖଲ ପରେ ଜଳ ସଂଯୋଗପ

ବଣପଲ୍ଲୀ, ୨୩/୦୨ (ଆ.ପ୍ର) : ବଣପଲ୍ଲୀ ଏନ୍.ଏସି ଅନ୍ତର୍ଗତ କୁଞ୍ଜବନଗଡ ଷ୍ଟାର୍ଟ ନମ୍ବର ୫ ଠରେ ଥିବା ଏଏନ୍‌ଏମ୍ ଆବସିକ ଗୃହକୁ ପାନୀୟ ଜଳ ଯୋଗାଣ ସଂଯୋଗ ନେଇ ବିଭାଗ ପକ୍ଷରୁ ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ସବିଶେଷ ଅବଗତ କରାଯାଇଥିବା ଜଣାପଡ଼ିଛି । ଏଥିନେଇ ବଣପଲ୍ଲୀ ପିଏଚ୍ ସେକ୍ସନ୍‌ର ଜୁନିଅର ଇଞ୍ଜିନିୟର ଟିପି ନମ୍ବର ୮୦ ତା ୧୬/୦୨/୨୦୨୬ ରିଖରେ ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଅବଗତ କରାଇଛନ୍ତି ଯେ, ଏନ୍‌ଏମ୍ ଆବସିକ ଗୃହକୁ ଜଳ ଯୋଗାଣ ସଂଯୋଗ ନେବା ପାଇଁ ଯାଂଚ ଶୁଳ୍କ ଏବଂ ଶ୍ରମିକ ଶୁଳ୍କ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଜଳ ଯୋଗାଣ ସଂଯୋଗ ଶୁଳ୍କ ପାଇବା ପରେ ଆବେଦନକାରୀଙ୍କୁ ଜଳ ଯୋଗାଣ ସଂଯୋଗ କରାଯିବ ବୋଲି ଅବଗତ କରାଯାଇଛି । ସୂଚନା ଯୋଗ୍ୟ ଯେ, ଫେବୃଆରୀ ୧୨ ତାରିଖ ଦିନ 'ସେଇଠୁ ଆରମ୍ଭ' ଖବର କାଗଜରେ 'ଏଏନ୍‌ଏମ୍ ଆବସିକ ଗୃହକୁ ନାହିଁ ପାନୀୟ ଜଳ ସଂଯୋଗ ' ଶୀର୍ଷକ ଖବର ପ୍ରକାଶ ପାଇଥିଲା ।

ଉମରକୋଟ ଠାରେ ଜନଶୁଣାଣି ଶିବିର ଅନୁଷ୍ଠିତ

ନବରଙ୍ଗପୁର, ୨୩/୦୨ (ଆ.ପ୍ର) : ଆଜି ଉମରକୋଟ ବ୍ଲକ ସ୍ଥିତ ସୁଭଦ୍ରା ଶକ୍ତି ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ ଏବଂ ଆରକ୍ଷୀ ଅଧିକ୍ଷକ ମଡକର ସମ୍ପାପ ସମ୍ପଦଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ମୁଖ୍ୟ ଜନ୍ମୟନ ଅଧିକାରୀ ଜିଲ୍ଲା ପରିଷଦ ବିଗଂଚି ନାରାୟଣ ବରଖାନ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ବିଡିଓ ମନୋଜ ମେହେରଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ଏହି ଜନ ଶୁଣାଣି ଶିବିରରେ ମୋଟ ୩୦ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ । ସେଥିମଧ୍ୟରୁ ୨୦ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୧୦ଟି ଗ୍ରାମ ତଥା ସାମୁହିକ ସମସ୍ୟା ସମ୍ବନ୍ଧିତ ଥିଲା । ସାମାଜିକ ସୁରକ୍ଷା ବିଭାଗ ତରଫରୁ ଚିତ୍ରକୁଟ ବିଦ୍ୟାଳୟ

ମାନଙ୍କୁ ୧୦ଟି ହୁଇଲ ଚେୟାର ପ୍ରଦାନ କରାଯାଇଥିଲା । ମୀନଶ ବିଜିନ୍ଦ୍ର କାରଣରୁ ଅଙ୍ଗହୀନ ହୋଇଥିବା ବିଦ୍ୟାର୍ଥୀଙ୍କୁ କୃତିମ ଅଙ୍ଗ ପ୍ରଦାନ କରାଯାଇଥିଲା ଏବଂ ୯ ଜଣ ବିଦ୍ୟାର୍ଥୀଙ୍କୁ କୃତିମ ଅଙ୍ଗ ପ୍ରଦାନ ନିମନ୍ତେ ମାପ ନିଆଯାଇଥିଲା ।ସେଇଭଳି ବିଜିନ୍ଦ୍ର କାରଣରୁ ଆହତ ଏବଂ ଅଶମ ୧୩ଜଣ ରୋଗୀଙ୍କୁ ଉତମ ଶାରୀରିକ ଚିକିତ୍ସା ନିମନ୍ତେ ଉନ୍ନତ ପୁନର୍ବାସ କେନ୍ଦ୍ରରେ ଯବଣା ଉପଶମ ଓ ଚିକିତ୍ସା ପାଇଁ ପଦକ୍ଷେପ ନିଆଗଲା ।

୭ମ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଂଟର ୨ୟ ଦିବସରେ ଘାଟିକିଆକୁ ପରାସ୍ତ କରି ଡେଙ୍କାନାଳ ବିଜୟୀ

ଖଣ୍ଡପଡ଼ା, ୨୩/୦୨ (ଆ.ପ୍ର) : ଖଣ୍ଡପଡ଼ା ସହରର ମଧୁବନ ମିନି ଷ୍ଟାଡିୟମ ପରିସରରେ ଖଣ୍ଡପଡ଼ା ସ୍ପୋର୍ଟସ ଆସୋସିଏସନ୍ ଆନୁକୂଲ୍ୟରେ ଚାଲିଥିବା ଫୁଟବଲର ମହାକୁମ୍ଭ ୭ ମ ରାଜ୍ୟସ୍ତରୀୟ ମହେନ୍ଦ୍ର ସ୍ୱାଇଁ ମେମୋରିଆଲ କପ୍ ଫୁଟବଲ ଟୁର୍ଣ୍ଣାମେଂଟର ସୋମବାର ଅନୁଷ୍ଠିତ ୨ୟ ମ୍ୟାଚରେ ପପୁଲାର କ୍ଲବ ଡେଙ୍କାନାଳ ୩-୧ ଗୋଲରେ ବଡରଙ୍ଗା କ୍ଲବ ଘାଟିକିଆକୁ ପରାସ୍ତ କରି ବିଜୟୀ ହୋଇଥିବା ଜଣାଯାଇଛି । ମୁଖ୍ୟ ରେଫରୀ ଭାବେ ବରିଷ୍ଠ ଜାତୀୟ ଫୁଟବଲର ମହାକୁମ୍ଭ ଶ୍ରୀ ମେମୋରିଆଲ କପ୍ ଫୁଟବଲ ଟୁର୍ଣ୍ଣାମେଂଟର ସୋମବାର ଅନୁଷ୍ଠିତ ୨ୟ ମ୍ୟାଚରେ ପପୁଲାର କ୍ଲବ ଡେଙ୍କାନାଳ ୩-୧ ଗୋଲରେ ବଡରଙ୍ଗା କ୍ଲବ ଘାଟିକିଆକୁ ପରାସ୍ତ କରି ବିଜୟୀ ହୋଇଥିବା ଜଣାଯାଇଛି । ମୁଖ୍ୟ ରେଫରୀ ଭାବେ ବରିଷ୍ଠ ଜାତୀୟ ଫୁଟବଲର ମହାକୁମ୍ଭ ଶ୍ରୀ ମେମୋରିଆଲ କପ୍ ଫୁଟବଲ ଟୁର୍ଣ୍ଣାମେଂଟର ସୋମବାର ଅନୁଷ୍ଠିତ ୨ୟ ମ୍ୟାଚରେ ପପୁଲାର କ୍ଲବ ଡେଙ୍କାନାଳ ମଧ୍ୟରେ ୩ ୟ ଲିଗ୍ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଟୁର୍ଣ୍ଣାମେଂଟର ଆୟୋଜକ ତଥା ବରିଷ୍ଠ କ୍ରୀଡାବିତ ଜି କାରୀ ଖଣ୍ଡପଡ଼ାଠାରୁ ପ୍ରକାଶ । ଅଞ୍ଚଳ କୁମାର ମହାରଣା, ଖଣ୍ଡପଡ଼ା ବ୍ଲକ ସାଂସଦଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆର ସିଂ, ପଣ୍ଡିତ ମନୋଜ ବାଣ ପ୍ରମୁଖ ଯୋଗଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ । ଆସନ୍ତାକାଲି ମଙ୍ଗଳବାର ବଡରଙ୍ଗା ବ୍ଲକ ଘାଟିକିଆ ଓ ପପୁଲାର କ୍ଲବ ଡେଙ୍କାନାଳ ମଧ୍ୟରେ ୩ ୟ ଲିଗ୍ ମ୍

ଦୈନିକ
ଆରମ୍ଭ
SEITHO ARAMBHA
ମଙ୍ଗଳବାର, ୨୪ ଫେବୃୟାରୀ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୭

ଅଙ୍ଗନୱାଡି କର୍ମୀଙ୍କ ମାଡରେ ଶିଶୁର ହାତ ଫାଟିଲା
ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସିଡିପିଓଙ୍କ ପଛଘୁଂଚା

ମାହାଙ୍ଗା, ୨୩/୦୨ (ଆ.ପ୍ର) : ମାହାଙ୍ଗା ବ୍ଲକର ଭଦ୍ରେଶ୍ୱର ପଂଚାୟତର ପାଣିଆ ଅଙ୍ଗନୱାଡି କେନ୍ଦ୍ର -୧ର କର୍ମୀଙ୍କ ମାଡରେ ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା ଶିଶୁର ହାତ ଫାଟିବା ଏପରିକି ସେ ଭୟରେ ଗୀଦିନରାତି ଜ୍ୱରରେ ପଡିବା ଘଟଣା ଏବେ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି । ଅଭିଯୋଗ ପରେ ମାହାଙ୍ଗା ସିଡିପିଓ କ'ଣପାଇଁ ଘଟଣାର ତଦନ୍ତ ନକରି ବୁଝାବୁଝି ବସି ରହିଛନ୍ତି ସେ ନେଇ ଅଭିଯୋଗ ହୋଇଛି । ସୂତ୍ରଧାରୁ ଜଣାପଡିଛି ଯେ ମାହାଙ୍ଗା ବ୍ଲକର କଳେଶ୍ୱରପୁର ଗ୍ରାମର ଅଳିତ୍ କୁମାର ତ୍ରିପାଠୀଙ୍କ ସ୍ତ୍ରୀ ଓ ପିଲା ଭଦ୍ରେଶ୍ୱର ପଂଚାୟତର ଝାଡେଶ୍ୱରପୁର ଗ୍ରାମରେ ତାଙ୍କ ଶ୍ୱଶୁର ଘରେ ରହିଆସୁଛନ୍ତି । ଏହି ଅଂଚଳର ପାଣିଆ ଅଙ୍ଗନୱାଡିକେନ୍ଦ୍ର-୧ରେ ରହିଛି । ତାଙ୍କ ଝିଅ ଶକ୍ତିସ୍ୱରୂପା ତ୍ରିପାଠୀ ପାଣିଆ ଅଙ୍ଗନୱାଡି କେନ୍ଦ୍ରରେ ପାଠ ପଢୁଛି । ହେଲେ ଉକ୍ତ କେନ୍ଦ୍ରର କର୍ମୀଜଣକ ବାରମ୍ବାର ତାଙ୍କ ଝିଅକୁ ପିଟୁଛି ବୋଲି ସେ ତା

୧୮.୦୨.୨୦୨୬ରିଖରେ ମାହାଙ୍ଗା ସିଡିପିଓଙ୍କୁ ଲିଖିତ ଅଭିଯୋଗ କରିଥିଲେ । ହେଲେ ମାହାଙ୍ଗା ସିଡିପିଓ ସଂପୃକ୍ତ ଅଙ୍ଗନୱାଡି କେନ୍ଦ୍ରର କର୍ମୀଙ୍କୁ ଘଟଣା ସୋଧାଇଥିବା ଅଭିଯୋଗ ହେଉଛି । ଏପରିକି ଏହି କେନ୍ଦ୍ରର କର୍ମୀଙ୍କ ନିଯୁକ୍ତି ସମୟରେ ବ୍ୟାପକ ଅନିୟମିତତା ଅଭିଯୋଗ ହୋଇଥିଲା । କର୍ମୀ ଜଣକ ଝାଡେଶ୍ୱରପୁର ଅଂଚଳର ସେ ୫ବର୍ଷ ତଳେ ଡେରାବିଶ୍ଚ ଅଂଚଳରେ ବିବାହ କରିଥିଲେ । ବିବାହ ପରେ ପାଣିଆ ଅଙ୍ଗନୱାଡି କେନ୍ଦ୍ରରେ ପାଠ ପଢୁଛି । ହେଲେ ଉକ୍ତ କେନ୍ଦ୍ରର କର୍ମୀଜଣକ ତାଙ୍କ ଝିଅକୁ ପିଟୁଛି ବୋଲି ସେ ତା ଉକ୍ତ ଅଙ୍ଗନୱାଡି କର୍ମୀଙ୍କ ଶ୍ୱଶୁରଘର ଡେରାବିଶ୍ଚ ବ୍ଲକରେ ହୋଇଥିଲେ ମଧ୍ୟ ସେଠାରେ ତାଙ୍କର ଏକ ଝିଅ ଜନ୍ମ ହୋଇଥିଲା । ଶାଶୁଘରର ସର୍ଭେ ଖାତରେ ସଂପୃକ୍ତ ଅଙ୍ଗନୱାଡି କର୍ମୀର ନାମ ରହିଛି କି ନାହିଁ ତାହା ତଦନ୍ତ କରାଯାଉ । ଏଠାରେ ପ୍ରଶ୍ନ ଉଠୁଛି ସେ ଝାଡେଶ୍ୱରପୁର ସ୍ଥିତ ବାପଘରେ ରହିଆସୁଛନ୍ତି, ତେବେ ଗର୍ଭବତୀ ସମୟରେ ସାଉରାର ଦେଇଥିବା ଶୁଖିଲା ଖାଦ୍ୟ ଏପରିକି ପ୍ରସୂତି ପାଇଁ ସରକାର ଦେଇଥିବା ମମତା ଯୋଜନାର ଅର୍ଥ ଏବଂ ତାଙ୍କର ଝିଅ ନାମ ପଞ୍ଜିକରଣ କେଉଁ ଅଙ୍ଗନୱାଡି କେନ୍ଦ୍ରରେ ରହିଛି ତାହା ବି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ତର୍ଚ୍ଚା ହେଉଛି ଯେ ପାଣିଆ ଅଙ୍ଗନୱାଡିକେନ୍ଦ୍ରର କର୍ମୀଙ୍କ ବାପା ମାହାଙ୍ଗାର ସ୍ୱାଧୀନ ବିଧାୟକଙ୍କ ସମର୍ଥକ ହୋଇଥିବାରୁ ତାଙ୍କ ବିରୁଦ୍ଧରେ କୌଣସି ବୃଦ୍ଧ ପଦକ୍ଷେପ ସିଡିପିଓ ଗ୍ରହଣ କରୁନାହାନ୍ତି । ଏବେ ଅଙ୍ଗନୱାଡି କେନ୍ଦ୍ରର ଶିଶୁକୁ ମାଡ ଘଟଣାକୁ ନେଇ ସାଧାରଣରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷିତ କରାଯାଇଛି ।

ବାଣପୁର ବ୍ଲକ ଗାଲୁଆ ଗ୍ରାମ ପଂଚାୟତରେ ପଲ୍ଲୀରେ ପ୍ରଶାସନ ଜନଶୁଣାଣି

ଚିଲିକା/ବାଣପୁର, ୨୩/୦୨ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲାପ୍ରଶାସନ ଏବଂ ପୋଲିସ ପ୍ରଶାସନ ମିଳିତ ଆନୁକୂଲ୍ୟରେ ବାଣପୁର ବ୍ଲକ୍ ଅନ୍ତର୍ଗତ ଗାଲୁଆ ଗ୍ରାମ ପଂଚାୟତ କାର୍ଯ୍ୟାଳୟ ପରିସରରେ ପୂର୍ବାହ୍ନରେ ପଲ୍ଲୀରେ ଜିଲ୍ଲା ପ୍ରଶାସନ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ଜନ ଶୁଣାଣି ଶିବିର, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଖୋର୍ଦ୍ଧା ଜ୍ୟୋତିଶଙ୍କର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ଜିଲ୍ଲା ପରିଷଦ ଉପ ସଭାପତି ଗୋପାନାଥ ମହାଣ୍ଡା, ଅତିରିକ୍ତ ଜିଲ୍ଲା ଅଧିକାରୀ ଅନାଦି ଚରଣ ସେଠୀ, ଉପଜିଲ୍ଲାପାଳ ସଂଜୀବ ସୃଷ୍ଟିକ ସାହୁ, ବାଣପୁର ପଂଚାୟତ ସମିତି ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ, ବ୍ଲକ୍ ଉନ୍ନୟନ ଅଧିକାରୀ, ବାଣପୁର , ତହସିଲଦାର, ବାଣପୁର, ଆସିଷ୍ଟାଣ୍ଟ କଲେକ୍ଟର, ଅଭିଯୋଗ, ଭୁବନେଶ୍ୱରୀ କର୍ଣ୍ଣଧାର, ଜିଲ୍ଲା ମୁଖ୍ୟ ବିକିଶା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ ଯୋଗ ଦେଇଥିଲେ । ଏହି ଅଭିଯୋଗ ଶୁଣାଣି ରେ ମୋଟ ୫୨ ଗୋଟି ଅଭିଯୋଗ ଆସିଥିବାବେଳେ ତନ୍ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ୩୯ ଗୋଟି ଏବଂ ଗ୍ରାମୀଣ ସମସ୍ୟା ଜନିତ ୧୩ ଗୋଟି

ଅଭିଯୋଗ ଆସିଥିଲା । ଶିବିରରେ ତତ୍କାଳ ୦୪ ଗୋଟି ଅଭିଯୋଗର ସମାଧାନ କରାଜାଇଥିବାବେଳେ ଅନ୍ୟ ଅଭିଯୋଗ ଗୁଡିକୁ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଯଥାଶୀଘ୍ର ସମାଧାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, କୃଷି,ଏବଂ ବିଭିନ୍ନ ଅତ୍ୟାବଶ୍ୟକ ସେବା ଅଧିକାରୀ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ, ବିଭିନ୍ନ ଲାଇନ୍ ଡିପାର୍ଟମେଂଟ ଅଧିକାରୀ ମାନେ ଯୋଗଦେଇଥିଲେ ।

ଚନ୍ଦ୍ରପୁର ବ୍ଲକ ସଦର ମହକୁମା ଠାରେ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ

ରାୟଗଡ଼ା / ଚନ୍ଦ୍ରପୁର, ୨୩/୦୨ (ଆ.ପ୍ର) : ରାୟଗଡା ଜିଲ୍ଲା ପ୍ରଶାସନ ତରଫରୁ ଚନ୍ଦ୍ରପୁର ବ୍ଲକସଦର ମହକୁମାସ୍ଥିତ ସଦ୍ଭାବନା ସଭାଗୃହ ଠାରେ ଯୁଗ୍ମ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଛି । ରାୟଗଡା ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧୀକ୍ଷକ ରାୟଗଡ଼ ସ୍ୱାତୀ ଏସ କୁମାର, ଜିଲ୍ଲା ମୁଖ୍ୟ ବିକାଶ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ, ଅକ୍ଷୟ କୁମାର ଖେମୁଣ୍ଡୁ,ବନଖଣ୍ଡ ଅଧିକାରୀ, ସଚିନ ଆତ୍ମା ସାହେବ ଓଝଲେ, ଗୁଣପୁର ଉପ ଜିଲ୍ଲାପାଳ, ବିଲୁପ୍ତ ଅଭିଷେଖ , ଜିଲ୍ଲା ମୁଖ୍ୟ ବିକିଶା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ବି ସରୋଜିନୀ ଦେବୀ, ପ୍ରକଳ୍ପ ପ୍ରଶାସକ, ସାଲ୍ଟ୍ରିଡ ଆଦିବାସୀ ଉନ୍ନୟନ ସଂସ୍ଥା ଗୁଣ୍ଡୁଗୁର, ଅଜୟ କୁମାର ପ୍ରଧାନ,ଚନ୍ଦ୍ରପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ , ତହସିଲଦାର ଉପସ୍ଥିତ ରହି ଜନସାଧାରଣଙ୍କୁ ବିଭିନ୍ନ ଅଭିଯୋଗ ଶୁଣାଣି କରିଥିଲେ । ଆଜି ମୋଟ ୫୦ଟି ଅଭିଯୋଗ ଅତିରିକ୍ତ ଜିଲ୍ଲାପାଳ ସ୍ୱୟଂ ଶ୍ରବଣ କରିଥିଲେ । ସେଥି ମଧ୍ୟରୁ ୩୭ଟି ବ୍ୟକ୍ତିଗତ ଅଭିଯୋଗ ଥିଲା ବେଳେ ୧୩ଗୋଟି ଗ୍ରାମ ବାସୀ ମାନଙ୍କର ସାମୁହିକ ଅଭିଯୋଗ ଥିଲା । ଏହି ଅଭିଯୋଗ ଶିବିରରେ ଜିଲ୍ଲା ମଙ୍ଗଳ ଅଧିକାରୀ, ଆଂଚଳିକ ପରିବହନ ଅଧିକାରୀ , ଜିଲ୍ଲା କୃଷି ଅଧିକାରୀ, ସହକାରୀ ଯୋଗାଣଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଜଳ ଜଳସେଚନ ନିର୍ବାହୀ ଅଭିଯନ୍ତା, ରାସ୍ତା ଓ କୋଠାବାଡ଼ି ନିର୍ବାହୀ ଅଭିଯନ୍ତା, ଟାଟା ପାଣ୍ଠାର ସହକାରୀ ଯନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନ ନିର୍ବାହୀ ଯନ୍ତ୍ରୀ, ଜିଲ୍ଲା ଶ୍ରମ ଅଧିକାରୀ,ଗ୍ରାମ୍ୟ ଜଳ ଯୋଗାଣ ନିର୍ବାହୀ ଯନ୍ତ୍ରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ସହକାରୀ ଜିଲ୍ଲା ଶିକ୍ଷା ଅଧିକାରୀ ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଗୁଡିକର ଶୁଣାଣୀ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଆଜିର ଅଭିଯୋଗ ଗୁଡିକୁ ପାଇଲା ପରେ ବିଭାଗୀୟ ଅଧିକାରୀ ମାନଙ୍କୁ ତୁରନ୍ତ ପଦକ୍ଷେପ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ ।

ଦଶରଥପୁର ବ୍ଲକ୍ କାର୍ଯ୍ୟାଳୟ ଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

ଯାଜପୁର, ୨୩/୦୨ (ଆ.ପ୍ର) : ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱଚ୍ଛ ଜନ ଅଭିଯୋଗ ଶୁଣାଣି ଶିବିର ଦଶରଥପୁର ବ୍ଲକ କାର୍ଯ୍ୟାଳୟ ପରିସର ସଙ୍ଗିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର ଭର ଜନସାଧାରଣଙ୍କ ବିଭିନ୍ନ ଆସନ୍ତି ଅଭିଯୋଗର ଶୁଣାଣି କରିଥିଲେ । ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଂଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ମୋଟ ୧୩୮ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୧୩ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ

୦୪ ଗୋଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୨୧ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା । ୨୪ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା । ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧୀକ୍ଷକ, ଯାଜପୁର, ଯଶପ୍ରତାପ ଶ୍ରୀମାଳ ଅତିରିକ୍ତ ଜିଲ୍ଲାପାଳ ସୁଧୀରିର ନାୟକ, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଦେବୀପ୍ରସାଦ ମହାନ୍ତି, ଖୋଷ୍ଟା ଉନ୍ନୟନ ଅଧିକାରୀ, ବଶରାଥପୁର ଆକାଶ ପଟ୍ଟନାୟକ, ତହସିଲଦାର, ଦଶରଥପୁର ଶୁଭ୍ରାଂଶୁ ସାହୁ ଓ ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ୍ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତି ଅଭିଯୋଗର ଶୁଣାଣି କରିଥିଲେ ।

ଜିଲ୍ଲା ଏବିଭିପିର ଜିଲ୍ଲାରେ ଏକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଦୀର୍ଘ ଦିନର ଦାବି ପୂରଣ ହୋଇଛି

ଜଗତସିଂହପୁର, ୨୩/୦୨ (ଆ.ପ୍ର) : ଚଳିତ ବର୍ଷ ୨୦୨୬-୨୭ ଅଧିବେଶନ ରେ ରାଜ୍ୟ ସରକାର ଜଗତସିଂହପୁର ଜିଲ୍ଲାରେ ଏକ ବିଶ୍ୱବିଦ୍ୟାଳୟ ଓ ସରକାରୀ ଇଞ୍ଜିନିୟରିଂ କଲେଜ ପ୍ରତିଷ୍ଠା ପାଇଁ ଘୋଷଣା କରିଛନ୍ତି । ଏବିଭିପି ଜଗତସିଂହପୁର ତରଫରୁ ବିଗତ ୨୦୨୩ ମସିହାରୁ ଜିଲ୍ଲାରେ ଏକ ବିଶ୍ୱବିଦ୍ୟାଳୟ ଓ ସରକାରୀ ଇଞ୍ଜିନିୟରିଂ କଲେଜ ପ୍ରତିଷ୍ଠା ପାଇଁ ଦାବି ଓ ଆନ୍ଦୋଳନ କରାଯାଇଥିଲା । ଆଜି ସେ ଦାବି ପୂରଣ ହୋଇଛି । ଏଥିପାଇଁ ଜିଲ୍ଲାର ବିଦ୍ୟାର୍ଥୀ ମାନେ ଆନନ୍ଦିତ ହୋଇଲଠିଛନ୍ତି । ଏବିଭିପି ଜଗତସିଂହପୁର ଜିଲ୍ଲା ସଂଯୋଜକ ତଥା ଏସ୍.ଏଫ୍.ଡି ରାଜ୍ୟ ସହ ସଂଯୋଜକ ସତ୍ୟ ପ୍ରକାଶ ମହାନ୍ତି ଓ ପୂର୍ବତନ ଜିଲ୍ଲା ପ୍ରମୁଖ ମନୁଜ କୁମାର ସୃଷ୍ଟି, ପୂର୍ବତନ ଜିଲ୍ଲା ସଂଯୋଜକ ବିଶ୍ୱଜିତ୍ ପାତ୍ର,କେ. ବି. ପ୍ରୀୟତୋଷ, ଜ୍ୟୋତି ରଞ୍ଜନ, ଏବିଭିପି କାର୍ଯ୍ୟକର୍ତା ଅବିନାଶ ଲେଙ୍କା, ଭବତୋଷ, ଭବରଞ୍ଜନ ବେହେରା ସରକାରଙ୍କ ଏହି ଘୋଷଣା କୁ ସ୍ୱାଗତ ଜଣାଇଛନ୍ତି। ଜିଲ୍ଲା ସଂଯୋଜକ ସତ୍ୟ ପ୍ରକାଶ ମହାନ୍ତି କହିଛନ୍ତି ଯେ ବିଶ୍ୱବିଦ୍ୟାଳୟ ଖୋଲିବା ସ୍ୱାଗତ ଯୋଗ୍ୟ କିନ୍ତୁ ଗୁଣାତ୍ମକ ଶିକ୍ଷା କେଉଁଭଳି ଭାବରେ ଛାତ୍ର ଛାତ୍ରୀ ମାନେ ପାଇବେ ଏହି ପ୍ରତି ସରକାର ଧ୍ୟାନ ଦେବା ଉଚିତ୍। ଏବିଭିପି ର ପୂର୍ବତନ କାର୍ଯ୍ୟକର୍ତା ଲିଙ୍ଗରାଜ ମହାଣ୍ଡା, ସର୍ବେଶ୍ୱର ବଳିୟାର ସିଂ, ଶଶାଙ୍କ ଶେଖର ପଣ୍ଡା, ତତ୍ତ୍ୱର ପ୍ରକାଶ ଦଳେଇ, ବଳରାମ ଦଳେଇ, ଯକ୍ଷଦତ ସାହୁ ପ୍ରମୁଖ ସରକାରଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି ।

ସୁଧାକର ଦ୍ୱିବେଦୀ ବକୃତମାଳା - ବଜେଟ -୨୦୨୬-୨୭ ଜଗତସିଂହପୁର ଜିଲ୍ଲା ଶୀର୍ଷକ ଆଲୋଚନା ଚକ୍ର

ଜଗତସିଂହପୁର, ୨୩/୦୨ (ଆ.ପ୍ର) : ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଅନ୍ତର୍ଗତ ରେଜୁଆ ପଂଚାୟତ ଅଧୀନ ଉତ୍ତମପୁର ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ଭଦ୍ରେଶ୍ୱରୀ ନାରାୟଣଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି ଶ୍ର ନାମ୍ବାଳାର ସୁଧାକର ଦ୍ୱିବେଦୀ ସ୍ମୃତି ପରିଷଦ ପକ୍ଷରୁ ଆୟୋଜିତ ସୁଧାକର ଦ୍ୱିବେଦୀ ବକୃତା ମାଳାର ଶୀର୍ଷକ 'ବଜେଟ - ୨୦୨୬-୨୭ ଓ ଜଗତସିଂହପୁର ଜିଲ୍ଲା' ସମ୍ପର୍କୀୟ ଏକ ଚୌଦ୍ଧିକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ଆଲୋଚକ ଭାବେ ସ୍ମୃତି ପରିଷଦର ସଭାପତି ଅଲେଖ ଚନ୍ଦ୍ର ଦେହେରା, କାର୍ଯ୍ୟକାରୀ ସଭାପତି ସୁରେଶ ଚନ୍ଦ୍ର ରାଉତ, ଉପଦେଷ୍ଟା ସୁରେନ ରାଉତ, ଯୁଗ୍ମ ସମ୍ପାଦକ ଶାନ୍ତନୁ କୁମାର ମିଶ୍ର,ବିଜନ ମହାପାତ୍ର, ଲୋକାଧ୍ୟକ୍ଷ ରବି ମହାନ୍ତି ପ୍ରମୁଖ ଆଂଶଗ୍ରହଣ କରି ବଜେଟ-୨୦୨୬-୨୭ ଆର୍ଥିକ ବର୍ଷରେ ଜଗତସିଂହପୁର ଜିଲ୍ଲାରେ ବିଶ୍ୱବିଦ୍ୟାଳୟ ଓ ଇଂଜିନିୟରିଂ କଲେଜ ଖୋଲାଯିବା ପାଇଁ ଘୋଷଣା କରାଯାଇଥିବାରୁ ପରିଷଦ ପକ୍ଷରୁ ରାଜ୍ୟ ସରକାରଙ୍କୁ ତୃତ୍ତଜ୍ଞତା ଜ୍ଞାପନ କରାଯାଇଥିଲା । ଏଥିସହିତ ଲୁପ୍ତ ଜଙ୍ଗଲର ସୁରକ୍ଷା ନିମନ୍ତେ ଅଧିକ

ଅର୍ଥ ବ୍ୟୟ କରାଦ କରିବା ପାଇଁ ନିବେଦନ କରାଯାଇଥିଲା । ସେହିପରି ଜଗତସିଂହପୁର ଜିଲ୍ଲାର ପୂର୍ବ ବ୍ଲକରେ ଶୀତଳ ଭଣ୍ଡାର ଖୋଲାଯିବାର ବ୍ୟବସ୍ଥା କରାଯିବା ସମ୍ପର୍କ ଆଲୋଚନା କରାଯାଇଥିଲା । ଜଗତସିଂହପୁର ଜିଲ୍ଲାର ଏରଡମା - ବାଲିକୁଦା ଅଂଚଳରେ ଯେଉଁଠି କି ଚାଷୀମାନେ ଚାଷ କାର୍ଯ୍ୟ ନିମନ୍ତେ ସର୍ବଦା ବର୍ଷା ପାଣି ଉପରେ ନିର୍ଭର କରିଥାନ୍ତି, ଉକ୍ତ ଅଂଚଳରେ ଜଳସେଚନର ସୁବ୍ୟବସ୍ଥା ପାଇଁ ପ୍ରାଧାନ୍ୟ ଦିଆଯାଉ । ତେବେ ଏଥରର ବଜେଟ ସମ୍ପୂର୍ଣ୍ଣ ଜନହିତକର ବୋଲି ମତପ୍ରକାଶ ପାଇଥିଲା । ଦ୍ୱିତୀୟ ପର୍ଯ୍ୟାୟରେ ମାନ୍ୟବାର ସୁଧାକର ଦ୍ୱିବେଦୀଙ୍କ ୭୬ ତମ ଜୟନ୍ତୀ ସମାରୋହ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ସ୍ମୃତି ପରିଷଦର ସଭାପତି ଅଲେଖ ଚନ୍ଦ୍ର ଦେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ପ୍ରାରମ୍ଭରେ ପରିଷଦର ସାଧାରଣ ସମ୍ପାଦକ ସରୋଜ କୁମାର ଦ୍ୱିବେଦୀ ମୂର୍ତ୍ତ ବୈଠକର ବିବରଣୀ ପାଠ କରିଥିଲେ । ଉକ୍ତ ବୈଠକରେ ଯୁଗ୍ମ ସମ୍ପାଦକ ବିଜନ ମହାପାତ୍ର,ସାଂସ୍କୃତିକ ସମ୍ପାଦକ ରାଜକିଶୋର ସାହୁ ଓ ସଂଗୋଷ କୁମାର ସାହୁ, ସହ ସମ୍ପାଦକ ବିଶ୍ୱଜିତ ଦାଶ,କାର୍ଯ୍ୟକାରିଣୀ ସଦସ୍ୟ ଅରୁଣ କୁମାର ରାଉତରାୟ, ଆଶୁତୋଷ ମହାପାତ୍ର, ଅଜୟ କୁମାର ବରାଳ, ରଞ୍ଜନ କୁମାର ମିଶ୍ର,ଶିବପ୍ରସାଦ ମାଝୀ,ପ୍ରମୁଖ ଯୋଗଦେଇ ଚଳିତ ବର୍ଷ ୭୬ତମ ଜୟନ୍ତୀ ସମାରୋହକୁ ଅଦ୍ଭୁତୀ ଅଧିକ ସରସ ସୁନ୍ଦର କରିବା ପାଇଁ ନିଜ ନିଜର ସୁଚିନ୍ତିତ ମତାମତ ମାନ ଦେଇଥିଲେ । ଏଥିସହିତ ବାର୍ଷିକ ଉତ୍ସବରେ ସ୍ମରଣିକା 'ସୁଧାସୌରଭ' ପ୍ରକାଶ ପାଇବା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଶେଷରେ ପ୍ରଦ୍ୟୁମ୍ନ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।

'ଅକ୍ଷର ଓଡ଼ିଶା' ବାସ୍ତବ ତଥ୍ୟ ଆଧାରିତ ସତ୍ୟ ସମ୍ବାଦ ପରିବେଷଣ କରୁଛି : ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର

ଭୁବନେଶ୍ୱର, ୨୩/୦୨ (ଆ.ପ୍ର) : ବିଧାନସଭା ଅଧିବେଶନ ଚାଲିଥିବାବେଳେ ବାର୍ଗ ୪ ଦିନ ହେଲା ବିରୋଧୀ ଦଳମାନେ କାର୍ଯ୍ୟଧାରାରେ ବାଧା ସୃଷ୍ଟି କରୁଛି । ସେମାନେ କହୁଛି, ଚାଷୀଙ୍କ ଧାନକିଣା ହୋଇପାରୁନାହିଁ, ଚିନି ଛିଡ଼ି ହେଉଛି, ଚାଷୀମାନେ ପ୍ରାପ୍ୟ ପାଇବାରେ ବିଳମ୍ବ ହେଉଛି । ଏହାକୁ ପ୍ରସଙ୍ଗ କରି ବିରୋଧୀ ସଦସ୍ୟମାନେ ଗୃହରେ ଅଚଳାବସ୍ଥା ସୃଷ୍ଟି କରୁଛି । ସେମାନଙ୍କର ଏ ସବୁ ନାରାବାଜି ସମ୍ପୂର୍ଣ୍ଣ ମିଥ୍ୟା । ଚାଷୀମାନେ ଧାନ ବିକି କରିବାର ୪୮ଘଣ୍ଟା ମଧ୍ୟରେ ପ୍ରାପ୍ୟ ପାଉଛି । ଜନସାଧାରଣ ସରକାରଙ୍କ ସହ ଅଛି । ଏହା ନ ହୋଇଥିଲେ ନୂଆପଡା ଉପନିର୍ବାଚନ । ତେବେ ବିଜେପି ପୂର୍ବୀ ୮୪ ଦଳର ଜୋଟ ବ୍ୟବଧାନରେ ଜିତିପାରି ନ ଥିଲା ବିରୋଧୀ ଦଳଗୁଡିକର ସରକାର ବିରୋଧୀ ଆଲିପ୍ରଧ୍ୟାକୁ ଗୁରୁତ୍ୱ ନ କରି ସାମାନ୍ୟରେ ବାସ୍ତବ ତଥ୍ୟ ଆଧାରିତ ଖବର ପରିବେଷଣ କରୁ । ଏ କ୍ଷେତ୍ରରେ ମାତୃ ଅଞ୍ଚଳ କେତେଦିନର ଖବରକାଗଜ 'ଅକ୍ଷର ଓଡ଼ିଶା' ବାସ୍ତବ ତଥ୍ୟ ଆଧାରିତ ସତ୍ୟ ସମ୍ବାଦ ପରିବେଷଣ କରୁଛି ବୋଲି ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯ

ନିଷ୍ପକ୍ଷ
ଆରମ୍ଭ
SEITHO ARAMBHA
ମଙ୍ଗଳବାର, ୨୪ ଫେବୃୟାରୀ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୮

ସଞ୍ଜୁଙ୍କୁ ସାମିଲ କରିପାରେ ଭାରତ

ନୂଆଦିଲ୍ଲୀ, ୨୩/୨(ନ୍ୟୁ.ଏ): ଟି-ଟ୍ୱେଂଟି ବିଶ୍ୱକପ ସୁପର-୮ରେ ଦକ୍ଷିଣ ଆଫ୍ରିକାଠାରୁ ଭାରତର ଶୋଚନୀୟ ଭାବେ ପରାସ୍ତ ହୋଇଛି । ଟିମ୍ ଇଣ୍ଡିଆର ଟପ୍ ଅର୍ଡର ସମ୍ପୂର୍ଣ୍ଣ ବିଫଳ ହୋଇଥିଲା । ଅଭିଷେକ ଶର୍ମା ଏବଂ ତିଲକ ବର୍ମା ଆଶାନୁରୂପ ପ୍ରଦର୍ଶନ କରିନପାରିଲେ । ଏବେ, ଭାରତର ସହାୟକ ପ୍ରଶିକ୍ଷକ ସଞ୍ଜୁ ସାମସନଙ୍କ ପ୍ଲେଇଂ ଇଲେଭେନକୁ ଫେରିବା ନେଇ ବଡ଼ ସଙ୍କେତ ଦେଇଛନ୍ତି । ଆଜକୁ ଭାରତୀୟ ଦଳ ପାଇଁ ବୁଧବାର ମ୍ୟାଚ୍ ବେଶ୍ ଗୁରୁତ୍ୱପୂର୍ଣ୍ଣ ହୋଇଯାଇଛି । ଏହାକୁ ଦୃଷ୍ଟିରେ ରଖି ଦଳରେ କେତେକ ପରିବର୍ତ୍ତନ କରାଯାଇପାରେ ବୋଲି ସଂକେତ ଦେଇଛନ୍ତି ସହକାରୀ ପ୍ରଶିକ୍ଷକ ରିୟାନ ଟେନ୍ ଡଇସେଟ୍ । ବିଶେଷକରି ସଞ୍ଜୁ ସାମସନଙ୍କୁ ଦଳରେ ସାମିଲ କରାଯିବା ଲାଗି ବିଚାର କରାଯାଉଛି ବୋଲି ସେ କହିଛନ୍ତି । ତେବେ କାହା ବଦଳରେ ତାଙ୍କୁ ସାମିଲ କରାଯିବ ସେ ସମ୍ପର୍କରେ ସେ କିଛି କହିନାହାନ୍ତି । ସେ କହିଛନ୍ତି ଯେ, ଚଳିତ ବିଶ୍ୱକପ୍‌ରେ ଭାରତର ଟପ୍‌ଅର୍ଡର ଏକ ଭଲ ମୂଲ୍ୟଦୁଆ ସ୍ଥାପନ କରିବାରେ ବିଫଳ ହୋଇଛି । ଅଧିକାଂଶ ଥର ପ୍ରଥମ ୱିକେଟ୍ ଯୋଡ଼ିରେ ଶୂନ ରିମା ୧-୨ ରନ ହୋଇଛି । ପ୍ରତ୍ୟେକ ଥର ବିପକ୍ଷ ଦଳ ଜଣେ ଜାମଚଳା ଅଫ୍-ସ୍ପିନରଙ୍କ ମାଧ୍ୟମରେ ଭାରତୀୟ ଓପନିଂ ଯୋଡ଼ିକୁ ଭାଙ୍ଗିବାରେ ସଫଳ ହୋଇଛନ୍ତି । ଦକ୍ଷିଣ ଆଫ୍ରିକାର ଦ୍ରୁତ ବୋଲର ଏହି କାମ କରିଦେଇଥିଲେ । ଏହି କାରଣରୁ ସୂର୍ଯ୍ୟକୁମାର ଓ ତିଲକ ବର୍ମାଙ୍କ ଉପରେ ମୂଳରୁ ହିଁ ଚାପ ରହୁଛି । ଅଭିଷେକ ଶର୍ମା ଏବଂ ତିଲକ ବର୍ମା ନିରାଶ କରିଛନ୍ତି । ଅଭିଷେକ ଶର୍ମା (୧୫ ରନ୍) ଏବଂ ତିଲକ ବର୍ମା (୦ ରନ୍) ମଧ୍ୟ ମାତ୍ରେ ବିଫଳ ହୋଇଥିଲେ । ଟିମ୍ ଇଣ୍ଡିଆ ୭୬ ରନ୍‌ରେ ପରାସ୍ତ ହୋଇଥିଲା । ଏହି ପରାଜୟ ପରେ ପ୍ଲେଇଙ୍ଗ ଇଲେଭେନରେ ସଞ୍ଜୁଙ୍କ କମବ୍ୟାକ ହେବ ବୋଲି ସଙ୍କେତ ଦେଇଛନ୍ତି ଟିମ୍ ଇଣ୍ଡିଆର ସହାୟକ ପ୍ରଶିକ୍ଷକ ରିୟାନ ଟେନ୍ ଡୋଇସଟେଟ କହିଥିଲେ, 'ଆମକୁ ଚିନ୍ତା କରିବାକୁ ପଡିବ । ଗତ ପାଂଚଟି ମ୍ୟାଚ୍ ମଧ୍ୟରୁ ୪ଟିରେ ଜଣେ ପାର୍ଟ-ଟାଇମ୍ ଅଫ୍-ସ୍ପିନର ଓପନିଂ କରିଛନ୍ତି, ଏବଂ ପ୍ରତ୍ୟେକ ଥର ଆମେ ୱିକେଟ ହରାଇଛୁ । ଆମକୁ ପ୍ରତ୍ୟେକ ଇନିଂସ ୱିକେଟ ସହିତ ଆରମ୍ଭ କରିବା ଉଚିତ୍ ନୁହେଁ । ଏହା ଅନ୍ୟ ଖେଳାଳିମାନଙ୍କ ଉପରେ ଚାପ ସୃଷ୍ଟି କରେ । ଦଳରେ ଅଭିଜ୍ଞତାର ଘୋର ଅଭାବ ରହିଛି । ଆମକୁ ଏକ ସ୍ଥିର ଦଳ ଆବଶ୍ୟକ ।'' ସଞ୍ଜୁ ସାମସନଙ୍କ ଦଳକୁ ଫେରିବା ସମ୍ପର୍କରେ ଇଙ୍ଗିତ ଦେଇ ରିୟାନ କହିଛନ୍ତି, 'ପ୍ରଶ୍ନ ହେଉଛି, ଆପଣ କ'ଣ କମିଟମେଣ୍ଟ ସହିତ ରହିବେ ନା ପରିବର୍ତ୍ତନ କରିବେ ? ସଞ୍ଜୁ ଜଣେ ଚମତ୍କାର ଖେଳାଳି, ଏବଂ ତାଙ୍କ ସହିତ, ଆମର କୁମର ଶୀର୍ଷରେ ଜଣେ ଡାହାଣହାତୀ ବ୍ୟାଟର ରହିବେ । ମୁଁ ନିଶ୍ଚିତ ଯେ ଏହା ଆଗାମୀ ବୁଧରେ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ପୂର୍ବରୁ ଆଲୋଚନାର ଏକ ପ୍ରମୁଖ ବିଷୟ ହେବ ।'

କର୍ଣ୍ଣାଟକ କ୍ଷମତା କନ୍ଦଳ: ମନ୍ତ୍ରିମଣ୍ଡଳରେ ସାମିଲ ପାଇଁ ହାଇକମାଣ୍ଡଙ୍କୁ ଚିଠି ଲେଖିଲେ ୩୦ରୁ ଅଧିକ ବିଧାୟକ

ବେଙ୍ଗାଲୁରୁ, ୨୩/୨(ନ୍ୟୁ.ଏ): କର୍ଣ୍ଣାଟକରେ ମୁଖ୍ୟମନ୍ତ୍ରୀ ପଦକୁ ନେଇ କନ୍ଦଳ ଜାରି ରହିଥିବାବେଳେ ଏବେ ପୁଣି ୩୦ରୁ ଅଧିକ ପ୍ରଥମ ଥର କଂଗ୍ରେସ ବିଧାୟକ ସେମାନଙ୍କୁ ମନ୍ତ୍ରିମଣ୍ଡଳରେ ସାମିଲ କରିବାପାଇଁ ପାର୍ଟି ହାଇକମାଣ୍ଡଙ୍କୁ ଚିଠି ଲେଖିଛନ୍ତି । ୩୦ରୁ ଅଧିକ ବିଧାୟକଙ୍କ ସ୍ୱାକ୍ଷରିତ ଥିବା ଚିଠି ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖଡ଼ଗେଙ୍କ ପାଖକୁ ଲେଖାଯାଇଛି ଏବଂ ଏହାର କପି ମୁଖ୍ୟମନ୍ତ୍ରୀ ସିଦ୍ଦରମେୟା, ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର, ଏଆଇସିସି ସାଧାରଣ ସମ୍ପାଦକ କେସି ବେଣୁଗୋପାଳ ଏବଂ ଏଆଇସିସି ଜେନେରାଲ ସେକ୍ରେଟାରି ଜନଦୀପ ସିଂହ ସୁର୍ଜେୱାଲାଙ୍କୁ ପଠାଯାଇଛି । କର୍ଣ୍ଣାଟକ ସରକାରରେ ଏକ ପ୍ରସ୍ତାବିତ ମନ୍ତ୍ରିମଣ୍ଡଳର ଅଦଳବଦଳ ସମୟରେ ପ୍ରଥମ ଥର ବିଧାନସଭାକୁ ନିର୍ବାଚିତ ବିଧାୟକମାନଙ୍କୁ ସାମିଲ କରିବାପାଇଁ ଚିଠିରେ ଅନୁରୋଧ କରାଯାଇଛି । ଚିଠିରେ କୁହାଯାଇଛି ଯେ କର୍ଣ୍ଣାଟକର ଲୋକମାନେ କଂଗ୍ରେସ ଦଳକୁ ୩୮ ଜଣ ସଦସ୍ୟଙ୍କୁ ପ୍ରଥମ ଥର ପାଇଁ ବିଧାନସଭାକୁ ନିର୍ବାଚିତ କରିଛନ୍ତି । ଏହା ସ୍ପଷ୍ଟ କାର୍ଯ୍ୟ ଦେଇଛି ଯେ ସେମାନେ ବିଧାନସଭାରେ ନୂଆ ଯୁବ ଚେହେରା ଦେଖିବାକୁ ଚାହାନ୍ତି । କିନ୍ତୁ ମନ୍ତ୍ରିମଣ୍ଡଳରେ ଜଣେ ବି ନୂଆ ନିର୍ବାଚିତ ସଦସ୍ୟଙ୍କୁ ସାମିଲ କରାଯାଇନାହିଁ । ତେଣୁ କର୍ଣ୍ଣାଟକରେ ୩୪ ସଦସ୍ୟ ବିଶିଷ୍ଟ ମନ୍ତ୍ରିମଣ୍ଡଳରେ ପ୍ରଥମ ଥର ବିଧାୟକଙ୍କୁ ସୁଯୋଗ ଦେବାପାଇଁ ଅନୁରୋଧ କରାଯାଇଛି । ଏଏସ୍ ପୋନ୍ନାନା, ଅଶୋକ ରାୟ, ଶ୍ରୀନିବାସ ଏନ୍‌ଟି , ପି ରବିକୁମାର, ଏ ସି ଶ୍ରୀନିବାସ, ଏଚଏ ଇଲୁବଲ ହୁସେନ, ବି ଦେବେନ୍ଦ୍ର, ନର ଭାରତ ରେଡ୍ଡି, ବିଶ୍ୱାସ ବି ବୈଦ୍ୟ, ବସବରାଜ ଜି ଶିବଗଙ୍ଗା ଚିଠିରେ ସ୍ୱାକ୍ଷରିତ କରିଛନ୍ତି ।

ଦିଲ୍ଲୀରେ ହାଇଆଲର୍ଟ: ଲାଲକିଲ୍ଲା ଓ ବିଧାନସଭାକୁ ବୋମାରେ ଉଡ଼ାଇବାକୁ ଧମକ

ନୂଆଦିଲ୍ଲୀ, ୨୩/୨(ନ୍ୟୁ.ଏ): ଦେଶର ରାଜଧାନୀ ଦିଲ୍ଲୀରେ ପୁଣି ଥରେ ବୋମା ଆତଙ୍କ ଦେଖାଦେଇଛି । ସୋମବାର ଦିଲ୍ଲୀର ଐତିହାସିକ ଲାଲକିଲ୍ଲା ଏବଂ ଦିଲ୍ଲୀ ବିଧାନସଭାକୁ ବୋମାରେ ଉଡ଼ାଇ ଦେବାକୁ ଏକ ଧମକପୂର୍ଣ୍ଣ ଇ-ମେଲ୍ ମିଳିଛି । ଏହି ଧମକ ଏକ ଖାଲିସ୍ତାନୀ ଗ୍ରୁପ୍ ନାଁରେ ପଠାଯାଇଛି, ଯାହା ପରେ ସୁରକ୍ଷା ଏଜେନ୍ସିଗୁଡ଼ିକ ମଧ୍ୟରେ ତତ୍ପରତା ପ୍ରକାଶ ପାଇଛି । ଧମକ ମିଳିବା ମାତ୍ରେ ଦିଲ୍ଲୀ ବିଧାନସଭା ପରିସରରେ ବ୍ୟାପକ ସର୍ଚ୍ଚ ଅପରେସନ କରାଯାଇଥିଲା । ବୋମା ନିଷ୍କ୍ରିୟକାରୀ ଦଳ ଏବଂ କୁକୁର ସ୍ୱାଟ୍ ସମସ୍ତ ଅଂଚଳକୁ ଯାଂଚ କରିଛନ୍ତି । ଦିଲ୍ଲୀ ପୋଲିସ କହିଛି ଯେ, 'ଏପର୍ଯ୍ୟନ୍ତ କୌଣସି ସନ୍ଦିହ ବସ୍ତୁ ମିଳିନାହିଁ । ତଥାପି ସୁରକ୍ଷା ଦୃଷ୍ଟିରୁ ସାଇବର ସେଲ୍ ଏହି ଇ-ମେଲ୍ ଉତ୍ସ ଖୋଜିବା ପାଇଁ ତଦନ୍ତ ଜାରି ରଖିଛି ।' କେବଳ ସରକାରୀ ଅଟ୍ଟାଳିକା ନୁହେଁ, ବରଂ ଆପ୍ ନେତା ତଥା ପୂର୍ବତନ ବିଧାୟକ ଦିଲ୍ଲୀଥ ପାଣ୍ଡେଙ୍କୁ ମଧ୍ୟ ଜୀବନରୁ ମାରିଦେବାଲୁ ଧମକ ମିଳିଛି । ତାଙ୍କ ବ୍ୟକ୍ତିଗତ ଇ-ମେଲ୍ ଆଇଡିକୁ ଏକ ମେସେଜ୍ ଆସିଥିଲା, ଯାହା ବିଷୟରେ ସେ ସୋସିଆଲ ମିଡିଆରେ ଏକ ମାଧ୍ୟମରେ ସୂଚନା ଦେଇଛନ୍ତି । ପୁଣିସବୁ ଏହି ମାମଲା ହସ୍ତାନ୍ତର କରାଯାଇଛି । ଲଢିଛଣ୍ଡ ଜି, ଆଜି ସକାଳେ ଦିଲ୍ଲୀର ଦୁଇଟି ପ୍ରତିଷ୍ଠିତ ସ୍କୁଲକୁ ମଧ୍ୟ ବୋମା ଧମକ ମିଳିଥିଲା । ଆମି ପବ୍ଲିକ୍ ସ୍କୁଲକୁ ସକାଳ ୮ଟା ୫୦ମିନିଟ୍ ରେ ଧମକ ଆସିବା ପରେ ସ୍କୁଲ ଖାଲି କରାଯାଇଥିଲା । ସେହିଭଳି ସକାଳ ୯ଟା ୩୬ମିନିଟ୍ ରେ ଏୟାରଫୋର୍ସ ବାଲ ଭାରତୀ ସ୍କୁଲକୁ ମଧ୍ୟ ସମାନ ଧମକ ଆସିଥିଲା ।ତେବେ ଉଭୟ ସ୍କୁଲରେ କୌଣସି ବିସ୍ଫୋରକ ମିଳିନଥିବାରୁ ଏହାକୁ 'ହୋକ୍ କଲ୍' ବା ମିଥ୍ୟା ଧମକ ବୋଲି ଘୋଷଣା କରାଯାଇଛି ।

ଏକ୍ସ ପତ୍ନୀ ଏବଂ ପୁଅକୁ 'ବାହୁବଳୀ ଡିଫେଣ୍ଡର' ଗିଫ୍ଟ କଲେ ହାର୍ଦ୍ଦିକ ପାଣ୍ଡ୍ୟା

ନୂଆଦିଲ୍ଲୀ, ୨୩/୨(ନ୍ୟୁ.ଏ): ଭାରତୀୟ ଷ୍ଟାର କ୍ରିକେଟର ହାର୍ଦ୍ଦିକ ପାଣ୍ଡ୍ୟା ଏବଂ ନତାଶା ଷ୍ଟାନକୋଭିକ ବ୍ୟକ୍ତିଗତ ଜୀବନରେ ଅଲଗା ହୋଇ ସାରିଛନ୍ତି । ହେଲେ ପୁଅ ଅଗସ୍ତ୍ୟଙ୍କ ଖୁସି ପାଇଁ କିଛି ବୁଝାମଣା କରନ୍ତି ନାହିଁ । ନିଜକୁ ଏହି ସମ୍ପର୍କର ଏକ ସୁନ୍ଦର ଝଲକ ଦେଖିବାକୁ ମିଳିଛି । ହାର୍ଦ୍ଦିକ ପାଣ୍ଡ୍ୟା ପୁଅ ଅଗସ୍ତ୍ୟ ଏବଂ ଏହ ପତ୍ନୀ ନତାଶାଙ୍କୁ ଏକ ଦାମୀ କାର ଲାମ୍ବାଣ୍ଡ ରୋଭର ଡିଫେଣ୍ଡର ଗିଫ୍ଟ କରିଛନ୍ତି । ସୋସିଆଲ ମିଡିଆରେ ଏହି ଦାମୀ କାର ଭିଡିଓଗୁଡ଼ାକ ପଟୋ ସାମ୍ନାକୁ ଆସିଛି । ଫାଟାକୁ ହାର୍ଦ୍ଦିକଙ୍କ ଏହି ପଦକ୍ଷେପକୁ ପ୍ରଶଂସା କରିଛନ୍ତି । କାର୍ ଗିଫ୍ଟକୁ ଗ୍ରହଣ କରୁଛନ୍ତି ନତାଶା ଓ ଅଗସ୍ତ୍ୟ- ଶୋ' ରୁମ ଦ୍ୱାରା ସେୟାର କରାଯାଇଥିବା ଫଟୋଗୁଡ଼ିକରେ, ପାଣ୍ଡ୍ୟାଙ୍କ ପୁଅ ଅଗସ୍ତ୍ୟ ତାଙ୍କର ନୂଆ କନା କାର ଦେଖି ଉତ୍ସାହିତ ହେଉଛନ୍ତି । ସେ କେତେବେଳେ କାର୍ ଭିତରକୁ ଚାହୁଁଛନ୍ତି ତ ପୁଣି କେତେବେଳେ ଏହାକୁ ଛୁଇଁଥିବା ଦେଖିବାକୁ ମିଳିଛି । ଏହି ସମୟରେ ନତାଶା ଜିନରସିସ କର୍ମଚାରୀଙ୍କଠାରୁ ଗିଫ୍ଟ ହାମ୍ପର ଗ୍ରହଣ କରୁଛନ୍ତି । ସେ ବି ଦେଖି ଖୁସି ଥିବା ଦେଖିବାକୁ ମିଳିଛି । ହାର୍ଦ୍ଦିକ ଓ ନତାଶା ସ୍ୱାମୀ-ସ୍ତ୍ରୀ ଭାବେ ଅଗଲା ହୋଇଥିଲେ ବି ପରସ୍ପରକୁ ଜଣେ ପିତାମାତା ଭାବେ ସମ୍ମାନ କରନ୍ତି । ବାହୁବଳୀ ଲାମ୍ବାଣ୍ଡ ରୋଭର ଡିଫେଣ୍ଡର କେବଳ ଏକ କାର ନୁହେଁ ବରଂ ଏକ ଷ୍ଟେଟସ୍ ପ୍ରତୀକ । ଏହା ରାସ୍ତାରେ ଯେତିକି ଶକ୍ତିଶାଳୀ, ସେତିକି ଦ୍ରୁତ । ଏହାର ଶକ୍ତିଶାଳୀ ଅଲ୍ଟା ଲାଇଟ୍‌ମାନେରେ ଏକ ବିଏମଡବ୍ଲୁ ଇଞ୍ଜିନ ଅଛି ଯାହା ୬୩୩ଟ ଛିଏଚପି ଉତ୍ପାଦନ କରେ । ଏହାର ଗତି ବିଶାଳ ଏସୟୁଭି ମାତ୍ର ୩.୮ ସେକେଣ୍ଡରେ ୦ରୁ ୧୦୦ କିଲୋମିଟର ଘଂଟାପ୍ରତି ବେଗରେ ଗତି କରେ । ଶ୍ରେଷ୍ଠ ମଡେଲ ପାଇଁ ଏହାର ଏକ୍ସ-ଶୋରୁମ ମୂଲ୍ୟ ୧.୨୬ କୋଟିରୁ ୨.୫୯ କୋଟି ପର୍ଯ୍ୟନ୍ତ ରହିଛି । ଏଥିରେ ବଡ଼ ଟଚସ୍କ୍ରିନ, ସାଇଡ୍ ସିଟ୍ସ ଏବଂ ଆଲାମଲାଇଜ ଏୟାର ସିଟ୍ ରହିଛି । ସୁରକ୍ଷା ପାଇଁ ୬ଟି ଏୟାରବ୍ୟାଗ୍ ଏବଂ ୩୬୦ ଡିଗ୍ରୀ କ୍ୟାମେରା ରହିଛି । ନତାଶା ଏବଂ ପୁଅ ଅଗସ୍ତ୍ୟଙ୍କୁ ଏହି କାର୍ ଗିଫ୍ଟ ଦେଇ ହାର୍ଦ୍ଦିକ ପ୍ରମାଣ କରିଛନ୍ତି ପୁଅର ସୁଖ-ଖୁସି ତାଙ୍କର ପ୍ରଥମ ପ୍ରାଥମିକତା । ବର୍ତ୍ତମାନ ହାର୍ଦ୍ଦିକ ଟି-ଟ୍ୱେଂଟି ବିଶ୍ୱକପ ଖେଳରେ ବ୍ୟସ୍ତ ଅଛନ୍ତି । ଗତକାଲି ସାଉଥ ଆଫ୍ରିକା ବିପକ୍ଷରେ ୧୮ ରନ୍ କରିଥିଲେ ।

ପରିସ୍ଥିତି ଗମ୍ଭୀର, ତୁରନ୍ତ ଇରାନ୍ ଛାଡିବାକୁ ଭାରତୀୟ ନାଗରିକଙ୍କୁ ସତର୍କ କଲା ଭାରତୀୟ ଦୂତାବାସ



ନୂଆଦିଲ୍ଲୀ, ୨୩/୨(ନ୍ୟୁ.ଏ): ବଢ଼ୁ ଯୁଦ୍ଧ ଆଡ଼କୁ ମୁଡ଼ାଇଛି ମଧ୍ୟପ୍ରାଚ୍ୟ । ଇରାନ ଉପରେ ଖୁବଶୀଘ୍ର ହେବ ପ୍ରତିଶୋଧ ଆକ୍ରମଣ । ଆଗାମୀ ୪୮ ଘଂଟା ମଧ୍ୟରେ କିଛି ବି ଘଟିପାରେ । ଅର୍ଥାତ ଆଜି କିମ୍ବା ମଙ୍ଗଳବାର ଆମେରିକା ଓ ଇସ୍ରାଏଲ ପକ୍ଷରୁ ଇରାନ ଉପରେ ହୋଇପାରେ ଭୟଙ୍କର ହମଲା । ତେହେରାନ ଉପରେ ଆମେରିକା ଆକ୍ରମଣ ଆଶଙ୍କା ବଢିଛି । ଏ ନେଇ ଭାରତ ତାର ନାଗରିକଙ୍କ ସୁରକ୍ଷାକୁ ଧ୍ୟାନ ଦେଇ ତୁରନ୍ତ ଇରାନ ଛାଡିବାକୁ କହିଛି । ଇରାନରେ ଏବେ ପରିସ୍ଥିତି ଗମ୍ଭୀର ରହିଛି । ଭାରତୀୟ ନାଗରିକଙ୍କୁ ସତର୍କ କରିଛି ଭାରତୀୟ ଦୂତାବାସ । ଇରାନରେ ବସୁଥିବା ଗତେଚନା ଏବଂ ଖମ୍ପିତି ବିରୋଧ ପ୍ରଦର୍ଶନ ମଧ୍ୟରେ, ତେହେରାନର ଭାରତୀୟ ଦୂତାବାସ ସମସ୍ତ ଭାରତୀୟ ନାଗରିକଙ୍କୁ ତୁରନ୍ତ ଦେଶ ଛାଡିବାକୁ କଡ଼ା ପରାମର୍ଶ ଦେଇଛି । ଏଥିରେ ଜାରି କରାଯାଇଥିବା ଏକ ପରାମର୍ଶରେ, ଦୂତାବାସ କହିଛି ଯେ, ''ଛାତ୍ର, ତୀର୍ଥଯାତ୍ରୀ , ବ୍ୟବସାୟୀ ଏବଂ ପର୍ଯ୍ୟଟକଙ୍କ ସମେତ ସମସ୍ତ ଭାରତୀୟ, ବାଣିଜ୍ୟିକ ବିମାନ ସମ୍ଭବ ଉପଲବ୍ଧ ଉପାୟରେ ଇରାନ ଛାଡିବା ଉଚିତ୍ । ବର୍ତ୍ତମାନ ପରିସ୍ଥିତି ଅଧିକ ଗମ୍ଭୀର ହୋଇଯାଇଛି । ସମସ୍ତ ଭାରତୀୟ ସର୍ବଦା ସେମାନଙ୍କର ପାସପୋର୍ଟ, ପରିଚୟପତ୍ର ଏବଂ ଅନ୍ୟାନ୍ୟ ଡୁକୁମେଣ୍ଟ ଡକ୍ୟୁମେଂଟ ପ୍ରସ୍ତୁତ ରଖ । ଯେକୌଣସି ସହାୟତା ପାଇଁ ଦୂତାବାସ ସହିତ ଯୋଗାଯୋଗ କରନ୍ତୁ ।'' ଭାରତୀୟ ଦୂତାବାସ ଭାରତୀୟ ନାଗରିକଙ୍କ ପାଇଁ ହେଲ୍ପଲାଇନ୍ ନମ୍ବର ଜାରି କରିଛି, ଯାହା ଦ୍ୱାରା ଦୂତାବାସରେ ଯୋଗାଯୋଗ କରାଯାଇପାରିବ । ନମ୍ବର ଗୁଡିକ ହେଲା +୯୮ ୯୧୨ ୮୧୦ ୯୧୧୫, +୯୮ ୯୧୨ ୮୧୦ ୯୧୦୯ ,+୯୮ ୯୧୨ ୮୧୦ ୯୧୦୨, +୯୮ ୯୯୩ ୨୧୭ ୯୩୫୯ । ସାମ୍ଭାବ୍ୟ ଯୁଦ୍ଧ ପାଇଁ ଇରାନ ବି ସାମରିକ ପ୍ରସ୍ତୁତି ଆରମ୍ଭ କରିଦେଇଛି । ଇରାନ ତାର ଶେଷଣାସ୍ତ୍ର ବ୍ୟାବସ୍ଥାକୁ ରଣନୀତିକ ସ୍ଥାନରେ ମୁତୟନ କରିଛି । ଘନ ଘନ ଯୁଦ୍ଧାଭ୍ୟାସ ଜାରି ରଖୁଛି । ଯୁଦ୍ଧ ପରିସ୍ଥିତିକୁ ଦୃଷ୍ଟିରେ ରଖି ସରୋଜ ସୁରକ୍ଷା ବଢ଼ାଉଛି ମଧ୍ୟ ହାଇ ଆଲର୍ଟରେ ରଖାଯାଇଛି । ଏଥିରୁ ମଧ୍ୟପ୍ରାଚ୍ୟରେ ବଡ଼ ଯୁଦ୍ଧ ହେବା ନିଶ୍ଚିତ ବୋଲି ଆଶଙ୍କା କରାଯାଇଛି । ବର୍ତ୍ତମାନ ପରିସ୍ଥିତି ଅଧିକ ଗମ୍ଭୀର ହୋଇଯାଇଛି । ସମସ୍ତ ଭାରତୀୟ ସର୍ବଦା ସେମାନଙ୍କର ପାସପୋର୍ଟ, ପରିଚୟପତ୍ର ଏବଂ ଅନ୍ୟାନ୍ୟ ଡୁକୁମେଣ୍ଟ ଡକ୍ୟୁମେଂଟ ପ୍ରସ୍ତୁତ ରଖ । ଯେକୌଣସି ସହାୟତା ପାଇଁ ଦୂତାବାସ ସହିତ ଯୋଗାଯୋଗ କରନ୍ତୁ ।'' ଭାରତୀୟ ଦୂତାବାସ ଭାରତୀୟ ନାଗରିକଙ୍କ ପାଇଁ ହେଲ୍ପଲାଇନ୍ ନମ୍ବର ଜାରି କରିଛି, ଯାହା ଦ୍ୱାରା ଦୂତାବାସରେ ଯୋଗାଯୋଗ କରାଯାଇପାରିବ । ନମ୍ବର ଗୁଡିକ ହେଲା +୯୮ ୯୧୨ ୮୧୦ ୯୧୧୫, +୯୮ ୯୧୨ ୮୧୦ ୯୧୦୯ ,+୯୮ ୯୧୨ ୮୧୦ ୯୧୦୨, +୯୮ ୯୯୩ ୨୧୭ ୯୩୫୯ । ସାମ୍ଭାବ୍ୟ ଯୁଦ୍ଧ ପାଇଁ ଇରାନ ବି ସାମରିକ ପ୍ରସ୍ତୁତି ଆରମ୍ଭ କରିଦେଇଛି । ଇରାନ ତାର ଶେଷଣାସ୍ତ୍ର ବ୍ୟାବସ୍ଥାକୁ କଡ଼ା ପରାମର୍ଶ ଦେଇଛି । ଏହାରେ ଜାରି କରାଯାଇଥିବା ଏକ ପରାମର୍ଶରେ, ଦୂତାବାସ କହିଛି ଯେ, ''ଛାତ୍ର, ତୀର୍ଥଯାତ୍ରୀ , ବ୍ୟବସାୟୀ ଏବଂ ପର୍ଯ୍ୟଟକଙ୍କ ସମେତ ସମସ୍ତ ଭାରତୀୟ, ବାଣିଜ୍ୟିକ ବିମାନ ସମ୍ଭବ ଉପଲବ୍ଧ ଉପାୟରେ ଇରାନ ଛାଡିବା ଉଚିତ୍